ଧରିତ୍ରୀ
DHARITRI
November 13-19, 2022 ₹ 2/-

# ଛୁଟିଦିନ



ପ୍ରଚ୍ଛଦ ପ୍ରସଙ୍ଗ

୩

## ଛୋଟ ସିନା କାମ ବଡ଼

ପକେଟ୍ ମନିରେ ନିଜ ଇଚ୍ଛା ମୁତାବକ ଜିନିଷ କିଣିବା ଓ ସୁସ୍ୱାଦୁ ଖାଦ୍ୟ ଖାଇବାକୁ କେଉଁ ପିଲାର ଇଚ୍ଛା ବା ନ ଥାଏ! କିନ୍ତୁ ଏମିତି କିଛି ପିଲା ଅଛନ୍ତି, ଯେଉଁମାନେ ନିଜ ପକେଟ୍ ମନିକୁ ବ୍ୟବହାର କରିଛନ୍ତି ଦୁଃଖୀ ଦରିଦ୍ରଙ୍କୁ ସାହାଯ୍ୟ କରିବା ସହ ପରିବେଶକୁ ନେଇ ସଚେତନତା ସୃଷ୍ଟି କରିବାରେ...




# ଶୋଇବା ଶୈଳୀର ପ୍ରଭାବ

**ସୁଖୀ ଦାମ୍ପତ୍ୟ ଜୀବନ ପାଇଁ ସ୍ୱାମୀସ୍ତ୍ରୀଙ୍କ ଭିତରେ ପ୍ରେମ ଓ ବିଶ୍ୱାସ ରହିବା ନିହାତି ଜରୁରୀ। ହେଲେ ବାସ୍ତୁଶାସ୍ତ୍ର କହେ, ମହିଳାମାନଙ୍କର ଶୋଇବା ଶୈଳୀ ବି ସେମାନଙ୍କ ଦାମ୍ପତ୍ୟ ଜୀବନ ଉପରେ ଅନେକ ପ୍ରଭାବ ପକାଇଥାଏ। ଯେମିତିକି....**

* ବିବାହିତା ମହିଳା ଶୋଇବା ସମୟରେ ଦକ୍ଷିଣ ଦିଗକୁ ମୁଣ୍ଡ କରି ଶୋଇଲେ ଭଲ। କାରଣ ଦକ୍ଷିଣ ଦିଗର ସ୍ୱାମୀ ହେଲେ ଯମରାଜ। ତେଣୁ ଏହି ଦିଗକୁ ଗୋଡ଼ କଲେ ଶରୀରରୁ ଊର୍ଜ୍ଜା ନାଶ ହେବା ସହ ସ୍ୱାମୀଙ୍କର କ୍ଷତି ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

* ଅନ୍ୟପକ୍ଷେ ମହିଳା ଉତ୍ତର-ପଶ୍ଚିମ କୋଣକୁ ମଧ୍ୟ ଗୋଡ଼



କରିକି ଶୋଇବା ଠିକ୍ ନୁହେଁ। କାରଣ ଏହି କୋଣର ସମ୍ପର୍କ ବାୟୁ ଦେବତାଙ୍କ ସହ ରହିଛି ବୋଲି ବିଶ୍ୱାସ କରାଯାଏ। ମହିଳା ଯଦି ଏହି କୋଣକୁ ଗୋଡ଼ କରିକି ଶୁଅନ୍ତି, ତାଙ୍କ ମନରେ କ୍ରମେ ସମ୍ପର୍କ ତୁଟାଇବାର ବିଚାର ଆସିଥାଏ ବୋଲି ବିଶ୍ୱାସ ରହିଛି।

* ବିବାହିତା ମହିଳା ଚାହିଁଲେ ପୂର୍ବ ଦିଗକୁ ମୁଣ୍ଡ କରି ଶୋଇପାରିବେ। ଏହି ଦିଗ ସେମାନଙ୍କୁ ଐଶ୍ୱର୍ଯ୍ୟ ପ୍ରଦାନ କରବା ସହ ଦାମ୍ପତ୍ୟ ଜୀବନରେ ମଧୁରତା ଭରି ଦେଇଥାଏ।

* କେବଳ ବିବାହିତା ମହିଳା କାହିଁକି, ଅବିବାହିତା ଯୁବତୀଙ୍କ ପାଇଁ ବି ରହିଛି ନିୟମ। ଏମାନେ ଦକ୍ଷିଣ-ପଶ୍ଚିମ କୋଣକୁ ଗୋଡ଼ କରି ଶୋଇବା ଶରୀର ପକ୍ଷେ ଆଦୌ ଠିକ୍ ନୁହେଁ ବରଂ ଉତ୍ତର ଦିଗକୁ ଗୋଡ଼ କରି ଶୋଇଲେ ଶୀଘ୍ର ଏମାନଙ୍କୁ ଭଲ ଘର ଓ ବର ମିଳିଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ
ପ୍ରସନ୍ନ କୁମାର ମହାପାତ୍ର

**ନଭେମ୍ବର ୧୩-୧୯**

**ମେଷ**
କର୍ମପରିସର ବୃଦ୍ଧି, ମାନସିକ ଅବସାଦ, ପାରିବାରିକ ସ୍ଥିତିରେ ଅବନତି, ସହକର୍ମୀଙ୍କ ସହ ମତାନ୍ତର, ଆରୋଗ୍ୟ ଲାଭ, ଶାରିରୀକ ଅସୁସ୍ଥତା, ଉଚ୍ଚସମ୍ମାନ ପ୍ରାପ୍ତି, ଭ୍ରମଣ ସ୍ଥଗିତ ହେବ, ନୂତନ ଯୋଜନାରମ୍ଭ, ନିର୍ମାଣରେ ଅଗ୍ରଗତି ॥

**ବୃଷ**
ଆର୍ଥିକ ଦୂରାବସ୍ଥା, ଦୁଃସାହସିକ ପଦକ୍ଷେପ, କୃତକାର୍ଯ୍ୟ ହେବେ, ମନ ପ୍ରଫୁଲ୍ଲ ରହିବ, ମାନସିକ ସ୍ଥିରତା, ଯାନ୍ତ୍ରିକ ତ୍ରୁଟି, ବାଣିଜ୍ୟର ଅଭିବୃଦ୍ଧି, ନୂତନବନ୍ଧୁଙ୍କ ମିତ୍ରତା, ମଙ୍ଗଳୋତ୍ସବ କାର୍ଯ୍ୟ, ରାଜନୀତିରେ ଚେଷ୍ଟା ସଫଳ ॥

**ମିଥୁନ**
ଯାତ୍ରାରେ ସଫଳତା, ନୈତିକତାର ପ୍ରଶଂସା, ବନ୍ଧୁଙ୍କ ସାହାଯ୍ୟ, ବିଗତ ଘଟଣାର ସମୀକ୍ଷା, ଅର୍ଥ ଲାଭ, ପ୍ରଶଂସିତ ହେବେ, ଆତ୍ମୀୟଙ୍କ ଅପପ୍ରଚାର, କର୍ମକ୍ଷେତ୍ରରେ ଦାୟିତ୍ୱ, ଧର୍ମାନୁଷ୍ଠାନର ନେତୃତ୍ୱ ॥

**କର୍କଟ**
ସମସ୍ୟାବହୁଳ କର୍ମକ୍ଷେତ୍ର, ଜଞ୍ଜାଳ ବଢିଯିବ, ଚାପ ବୃଦ୍ଧି ପାଇବ, ଅବସର ପାଇବେ ନାହିଁ, କାମ ହାସଲ କରିବେ, ଦୂରସ୍ଥାନକୁ ଯାତ୍ରା, ଶାରିରୀକ ସୁସ୍ଥତା, ପ୍ରତିଯୋଗିତାରେ ସଫଳତା, ଅର୍ଥସଙ୍କଟ ଟଳିଯିବ, ସନ୍ତାନଙ୍କକୃତିତ୍ୱ ॥

**ସିଂହ**
ଶାରୀରିକ ଅସୁସ୍ଥତା, ଧନ ବ୍ୟୟ, ସମାଲୋଚିତ ହୋଇପାରନ୍ତି, ସମ୍ପର୍କହାନି, ରାଜନୀତିରେ ପୃଷ୍ଠପୋଷକତା, ଧର୍ମକାର୍ଯ୍ୟ ପ୍ରତି ରୁଚି, ଭ୍ରମଣ ସୁଯୋଗ, କାର୍ଯ୍ୟସିଦ୍ଧିରୁ ଖୁସୀ, ପାରିବାରିକ ଦ୍ୱନ୍ଦ୍ୱ, କଳାସାହିତ୍ୟରେ ଉନ୍ନତି ॥

**କନ୍ୟା**
ମିତ୍ରବନ୍ଧୁ ସମାଗମ, ସାଂସ୍କୃତିକ କାର୍ଯ୍ୟକ୍ରମ, ଉତ୍ସାହିତ ରହିବେ, ସହାୟତା ପାଇବେ, ଉଚ୍ଚବର୍ଗଙ୍କ ସହାୟତା, ଦୁଃସାଧ କାର୍ଯ୍ୟସାଧନ, ଲକ୍ଷ୍ୟହୀନ ଯାତ୍ରା, ସ୍ୱାସ୍ଥ୍ୟହାନି, ମନୋମାଳିନ୍ୟ, ବିବାଦୀୟ ପରିସ୍ଥିତି, ଧନହାନୀ ଘଟିପାରେ ॥

**ତୁଳା**
ବୃଥା ଚିନ୍ତା, ପଡୋଶୀଙ୍କ ସହାନଭୂତି, ଘର କାମରେ ବ୍ୟସ୍ତତା, ଅପେକ୍ଷାକୃତ ଅସୁବିଧା, ସହକର୍ମୀଙ୍କ ବିରୋଧ, ଶୁଭଫଳ ପାଇବେ, ଅର୍ଥ ସାହାଯ୍ୟ ମିଳିବ, ଜମିଜମା କଳହ, ବନ୍ଧୁଙ୍କ ସହ ମନୋମାଳିନ୍ୟ ॥

**ବିଛା**
ଶାରୀରିକ ଅସୁସ୍ଥି, ପରିବାରରେ ଝଡ, ବନ୍ଧୁ କ୍ଷୁବ୍ଧ ହେବେ, ଅସମ୍ପୂର୍ଣ୍ଣ କାର୍ଯ୍ୟ, ଆତ୍ମୀୟଙ୍କ ଅନାଦର ଭାବ, ସାମୟିକ ମନ ଦୁଃଖ, ପରିସ୍ଥିତି ହାଲୁକା ହେବ, ବନ୍ଧୁ ମିଳନ, ଯାତ୍ରାରେ ସଫଳତା, ପଦମର୍ଯ୍ୟାଦା ବୃଦ୍ଧି, ଆଶା ଅନୁରୂପ ଫଳ ॥

**ଧନୁ**
କାର୍ଯ୍ୟରେ ସଫଳତା, ପଦମର୍ଯ୍ୟାଦା ବୃଦ୍ଧି, ଖୁସିର ଆସର ଜମିବ, ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ, ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ, ଶାରିରୀକ ପୀଡ଼ା, ଗୁପ୍ତମନ୍ତ୍ରଣା କରିବେ, ଧର୍ମକାର୍ଯ୍ୟ ପାଇଁ ପ୍ରସ୍ତୁତି ॥

**ମକର**
ସ୍ୱାସ୍ଥ୍ୟ ଭଲ ରହିବ, ଆର୍ଥିକ ଦୂରାବସ୍ଥା, ସଭା ସମିତିକୁ ନିମନ୍ତ୍ରଣ, ପରିବହନରେ ଲାଭ, ଦୂରଯାତ୍ରା ପାଇଁ ପ୍ରସ୍ତୁତି, ସହକର୍ମୀଙ୍କ ସହୃଦୟତା, ପାରିବାରିକ ସହମତି, ନୂତନକର୍ମାରମ୍ଭରେ ସଫଳତା ॥

**କୁମ୍ଭ**
କର୍ମଦକ୍ଷତାରୁ ପ୍ରଶଂସା, ସାହିତ୍ୟକୃତିରୁ ପ୍ରଶଂସା, ପଡୋଶୀଙ୍କ କୃତଜ୍ଞତା, ପ୍ରଶଂସିତ ହେବେ, ଅର୍ଥ ସମ୍ମାନପ୍ରାପ୍ତି, ସମସ୍ୟା ସୁଧାରିବେ, ମନୋବଳ ବୃଦ୍ଧି, ଅପ୍ରିୟସତ୍ୟରୁ ବିବାଦ, ଧର୍ମକାର୍ଯ୍ୟରେ ରୁଚି ॥

**ମୀନ**
ଅତୀତ ଅନୁଚିନ୍ତା, ମାନସିକ ଦ୍ୱନ୍ଦ୍ୱ, ସ୍ୱାସ୍ଥ୍ୟ ସମସ୍ୟା, ଅହେତୁକ ଚିନ୍ତା, ମନ ଆନ୍ଦୋଳିତ ରହିବ, ଅର୍ଥସଂକଟ, ସାମାଜିକ ସମ୍ମାନ, ପ୍ରତିଯୋଗିତାରେ ସଫଳତା, ଶୁଭ ଖବର ପାଇବେ, ସମସ୍ୟାର ସମାଧାନ,ଆମୋଦ ପ୍ରମୋଦର ମଉକା ॥

# ଶୀତ ମହୌଷଧି ମହୁ

**ଶୀ**ତଦିନେ ନିଜ ଶରୀରର ବିଶେଷ ଧ୍ୟାନ ରଖିବା ନିହାତି ଆବଶ୍ୟକ। କୁହାଯାଏ, ଥଣ୍ଡା ସମୟରେ ମହୁର ସେବନ ଶରୀର ପକ୍ଷେ ଲାଭଦାୟକ ହୋଇଥାଏ। କାରଣ ଏଥିରେ ଭରି ରହିଛି ଆଇରନ୍, ପୋଟାସିୟମ୍, କାର୍ବୋହାଇଡ୍ରେଟ୍ ପରି ଅନେକ ଗୁଣକାରୀ ପୋଷକ ତତ୍ତ୍ୱ। ଫଳରେ ଏହାର ସେବନଦ୍ୱାରା ଅନେକ ରୋଗରୁ ଉପଶମ ମିଳିଥାଏ। ଯେମିତିକି: ଶରୀରକୁ ସୁସ୍ଥ, ନୀରୋଗ ଏବଂ ଫୂର୍ତ୍ତି ରଖିବାରେ ଏହା ବିଶେଷ ସାହାଯ୍ୟ କରିଥାଏ। ତେଣୁ ଆୟୁର୍ବେଦରେ ମହୁକୁ ଅମୃତ ସହ ତୁଳନା କରାଯାଇଥାଏ। ପାଚନକ୍ରିୟାକୁ ଠିକ୍ ରଖିବା, ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ବି ମହୁର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶୀତଦିନେ ଏହାକୁ ସେବନ କଲେ ଶରୀରରେ ଫୂର୍ତ୍ତି ଆସିଥାଏ ବୋଲି ବିଶ୍ୱାସ ରହିଛି। ଶୀତ ଯୋଗୁ ଥଣ୍ଡା, କାଶ ହେଉଥିଲେ ମହୁ ଓ ଅଦା ରସ ଖାଇଲେ ଅନେକାଂଶରେ ମୁକ୍ତି ମିଳେ। ଏପରିକି ପ୍ରତିଦିନ ସକାଳେ ଖାଲି ପେଟରେ ଗୋଟିଏ ଚାମଚ ମହୁ ଖାଇଲେ ଥଣ୍ଡା, କାଶ, ଜ୍ୱର ଆଦି ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ। ମହୁ ସହିତ କିଛି



ଗୋଲମରିଚ ଗୁଣ୍ଡକୁ ମିଶାଇ ଖାଇଲେ ମଧ୍ୟ କାଶ ଶୀଘ୍ର ଭଲ ହୋଇଯାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି। ଏହାଛଡ଼ା ଶୀତଦିନେ ଅନେକଙ୍କର ମୁହଁ, ଓଠ ଆଦି ଫାଟିଯାଏ ; ଏ କ୍ଷେତ୍ରରେ ପ୍ରତିଦିନ ଦଶ ମିନିଟ୍ ଲେଖାଏଁ ଅଳ୍ପ ମହୁକୁ ନେଇ ମୁହଁ ଓ ଓଠରେ ମାଲିସ୍ କରି ପାଣିରେ ଧୋଇଦେଲେ ତ୍ୱଚାରେ ଚମକ୍ ଆସିବା ସହ ଫଟା ସମସ୍ୟା ମଧ୍ୟ ଭଲ ହୋଇଯାଏ।

# ପାଠକୀୟ

* ଦିନ ଥିଲା କଟକରେ ରିକ୍ସା ହିଁ ଥିଲା ଯାତାୟାତର ମୁଖ୍ୟ ମାଧ୍ୟମ। ଆଉ ସୃଜନଶୀଳ ବ୍ୟକ୍ତି ବିଶେଷଙ୍କ ଭରସା। ରିକ୍ସାରେ ଯିବାବେଳେ କିଏ ରିକ୍ସାବାଲା ମୁହଁକୁ ଦେଖି ବିଦ୍ରୋହର କବିତା ଲେଖିଲେ ତ କିଏ କଷଣର କଥା ଲେଖିଲେ। କିଏ ତା'ର ଯନ୍ତ୍ରଣାକୁ ରୂପ ଦେଲେ କାନ୍‌ଭାସରେ ତ କିଏ ଗୀତ ଫାନ୍ଦି, ଫଟୋ ଉଠାଇ ରିକ୍ସାବାଲାକୁ ଗୁରୁତ୍ୱ ଦେଇ ଆଣି ଥୋଇଲେ ସାଧାରଣ ଜୀବନରେ। ସର୍ଜକର ସର୍ଜନାରେ ରିକ୍ସାବାଲାର ଚରିତ୍ର ଚିତ୍ରିତ ହେଲା ବିଭିନ୍ନ ବାଗରେ। ଆଉ ରିକ୍ସା ପାଲଟିଲା ସୃଜନର ପ୍ରେରଣା। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ସର୍ଜନାରେ ରିକ୍ସା ଓ କଟକର ନକ୍ସା'ଟି ଏକ ସୁନ୍ଦର ଆଲେଖ୍ୟ ଥିଲା।

*-ସୁରେଶ ତ୍ରିପାଠୀ, ବଳଙ୍ଗା, ପୁରୀ*

* ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ସର୍ଜନାରେ ରିକ୍ସା ଓ କଟକର ନକ୍ସା'ଟି ଏକ ସୁନ୍ଦର ତଥା ତଥ୍ୟପୂର୍ଣ୍ଣ ଆଲେଖ୍ୟ ଥିଲା। ସେହିପରି 'ସମ୍ପର୍କକୁ ଦୃଢ କରେ କର୍ପୂର ଆଳତି' ଏବଂ 'ଜିରାର ଉପକାରିତା' ଆଦି ପାଠ ଦୁଇଟିରୁ ଅନେକ ଉପାଦେୟ କଥା ଜାଣିହେଲା। ସେଲିବ୍ରିଟି ସିକ୍ରେଟ୍ ପାଠରୁ ଅଭିନେତା ଆକାଶ ଦାସ ନାୟକଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। *-ରୂପାଲି ଟିନାରା, ସୁନ୍ଦରଗଡ଼*

* ବ୍ୟକ୍ତିତ୍ୱ ପୃଷ୍ଠାରୁ ବର୍ଷିୟାନ ନାଟ୍ୟ ନିର୍ଦ୍ଦେଶକ ରାଜକିଶୋର ପାଢୀ ଓରଫ ରାଜୁ ପାଢୀଙ୍କ ସଂଘର୍ଷପୂର୍ଣ୍ଣ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ବାହନ' ଶୀର୍ଷକ ଗପଟି ଖୁବ୍ ମର୍ମସ୍ପର୍ଶୀ ହୋଇପାରିଥିଲା। 'ମାଟିମଗ୍ନା' ଓ 'ହାତ' ଶୀର୍ଷକ କବିତା ଦୁଇଟି ବି ବେଶ୍ ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ 'ପଲକ୍‌ଙ୍କ ପ୍ରଶଂସାରେ ସଲ୍ଲୁ' ଶୀର୍ଷକ ଆଲେଖ୍ୟଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା।

*- ଅଭିନାଶ ମହାନ୍ତି, ବିଞ୍ଝାରପୁର, ଯାଜପୁର*

* ବରିଷ୍ଠ ଡାକ୍ତର ଲକ୍ଷ୍ମୀକାନ୍ତ ମହାନ୍ତିଙ୍କ ପ୍ରଥମ ରୋଜଗାରର ଅନୁଭୂତି ଯେତିକି ମନଛୁଆଁ ଲାଗୁଥିଲା ସେତିକି ପ୍ରେରଣାଦାୟୀ ବି ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଧୋତି ଷ୍ଟାଇଲ୍ ଶାଢ଼ି' ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ କଥା ଜାଣିହେଲା। ମଡେଲ୍ ମିରର୍‌ରେ ବିଜୟିନୀ ବେଶ୍ ସୁନ୍ଦରୀ ଲାଗୁଥିଲେ। ସହର ପୃଷ୍ଠାରୁ 'କଳା ସଂସ୍କୃତିରେ ଭରା ବୈଶାଳୀ' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*- ସୁକାନ୍ତ ଦାଶ, ମୟୂରଭଞ୍ଜ*

* ମୋତେ ଛୁଟିଦିନର ପ୍ରତ୍ୟେକଟି ଆଲେଖ୍ୟ ବହୁତ ଭଲ ଲାଗେ। ବିଶେଷକରି ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ପ୍ରକାଶିତ ହେଉଥିବା ଛୋଟଛୋଟ ଆଶ୍ଚର୍ଯ୍ୟକର ଘଟଣାବଳୀଗୁଡ଼ିକ ପଢିବାକୁ ବେଶ୍ ନିଆରା ଲାଗିଥାଏ। ସାଥୀର ଉତ୍ତର ବି ରୋମାଣ୍ଟିକ୍ ଲାଗେ।

*- ସ୍ୱପ୍ନାମୟୀ ବିଶ୍ୱାଳ, ସମ୍ବଲପୁର*

## ବିଶେଷ ଚିଠି



ପ୍ରଚ୍ଛଦରେ ସର୍ଜନାରେ ରିକ୍ସା
ଓ କଟକର ନକ୍ସା
ଥିଲା ଏକ ନିଆରା ଆଲେଖ୍ୟ,
ଦେଉଥିଲା ବାର୍ତ୍ତା ସିଏ
ନୂଆ ନୂଆ ଜୀବନର
ମନେ ଭରୁଥିଲା ଅନେକ ରହସ୍ୟ।
ହେ ମୋର ପ୍ରିୟ ଛୁଟିଦିନ
ତୁମେ ମୋ ନମସ୍ୟ
ତୁମେ ମୋର ପ୍ରାଣ।

*-ସ୍ନିଗ୍ଧା ସ୍ୱାଇଁ, ଝାରପଡ଼ା, ଭୁବନେଶ୍ୱର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଛୋଟ ସିନା କାମ ବଡ଼

**ପକେଟ୍ ମନିରେ ନିଜ ଇଚ୍ଛା ମୁତାବକ ଜିନିଷ କିଣିବା ଓ ସୁସ୍ୱାଦୁ ଖାଦ୍ୟ ଖାଇବାକୁ କେଉଁ ପିଲାର ଇଚ୍ଛା ବା ନ ଥାଏ। କିନ୍ତୁ ଏମିତି କିଛି ପିଲା ଅଛନ୍ତି, ଯେଉଁମାନେ ନିଜ ପକେଟ୍ ମନିକୁ ବ୍ୟବହାର କରିଛନ୍ତି ଦୁଃଖୀ ଦରିଦ୍ରଙ୍କୁ ସାହାଯ୍ୟ କରିବା ସହ ପରିବେଶକୁ ନେଇ ସଚେତନତା ସୃଷ୍ଟି କରିବାରେ...**


ସାନ୍‌ଭି ପ୍ରିୟା

କୁହାଯାଏ, ଆଜିର ଶିଶୁ କାଲିର ଭବିଷ୍ୟତ! ସତକଥା ବି କାହିଁକି ନା ଅଧିକାଂଶ ଶିଶୁ ଅଳି କରନ୍ତି ପକେଟ୍ ମନି ପାଇଁ। ଯାହାକୁ ନେଇ ସେ ଖେଳନା କି ସୁସ୍ୱାଦୁ ଖାଦ୍ୟ କିଣି ଖାଇବ। କିନ୍ତୁ ଏମିତିବି କିଛି ପିଲା ଅଛନ୍ତି ଯେଉଁମାନେ ସେମାନଙ୍କ ପକେଟ ମନିକୁ କେବଳ ନିଜ ପାଇଁ ଖର୍ଚ୍ଚ ନ କରି ଅନ୍ୟକୁ ସାହାଯ୍ୟ କରିବାରେ ଖର୍ଚ୍ଚ କରିଛନ୍ତି। ପିଲାଙ୍କୁ ଏକାଠି କରି ସେମାନଙ୍କ ପାଇଁ ଚକୋଲେଟ୍ ବିସ୍କୁଟ ଦେଇ ଗଛ ଲଗାଇଛନ୍ତି। ଏମାନଙ୍କ ପଛରେ ସେମାନଙ୍କ ପରିବାର ଓ ଗୁରୁଜନଙ୍କ ସୁପରାମର୍ଶ ନିଶ୍ଚିତ ଭାବରେ ରହିଛି ସତ ତଥାପି ଏଇ ପିଲାମାନେ ଆଗ୍ରହର ସହିତ ଏହିସବୁ କାମକୁ ସୁଚାରୁରୂପେ କରି ଚାଲିଛନ୍ତି। ଯାହାଙ୍କୁ ଦେଖି ଯେ କେହି କହିପାରିବେ ଶିଶୁ ହେଲେ କ'ଣ ହେଲା, ଏମାନଙ୍କର ମନ ବଡ଼। ଆଉ ଏମାନେ ଅନ୍ୟ ଶିଶୁଙ୍କ ପାଇଁ ବି ଉଦାହରଣ...

**ପରୋପକାରରେ ମନ:** ପିଲାଟି ଦିନରୁ ସେ କାହାରି ଦୁଃଖ ଦେଖିଲେ ସହିପାରୁ ନ ଥିଲେ। ଏବେ ସେ ୯ମ ଶ୍ରେଣୀର ଛାତ୍ରୀ। ସେ ହେଲେ ଆଦ୍ୟାଶା ହୋତା, ପିତା ରାଧାକାନ୍ତ ହୋତା, ମା' ସନ୍ତୋଷିନୀ ହୋତା। ଘର ଖୋର୍ଦ୍ଧା ଜିଲା ବାଣପୁର ପୁଞ୍ଜିଆମା ଶାସନରେ। ସେ କୁହନ୍ତି, ମୋ ବାପା ଜଣେ ଫରେଷ୍ଟର। ଛୁଟି ସମୟରେ ତାଙ୍କ ସହ ଜଙ୍ଗଲ ବୁଲିବାକୁ ଯାଇଛି। ସ୍କୁଲରେ ପଢୁଥିବା ବେଳେ ଯଦି କେହି ସାଙ୍ଗ ମତେ କିଛି ସାହାଯ୍ୟ ପାଇଁ କୁହେ, ମୋ ଦ୍ୱାରା ଯାହା ହୋଇପାରିବ ସେତିକି ସାହାଯ୍ୟ କରେ। କିନ୍ତୁ ଦୁଃଖୀ ଲୋକଙ୍କୁ ଦେଖିଲେ କାନ୍ଦ ଲାଗେ। ଅସହାୟଙ୍କୁ ସାହାଯ୍ୟ କରିବା ପାଇଁ ବାପାମା'ଙ୍କୁ ବ୍ୟସ୍ତ କରିଥାଏ। ମୋ ପାଖରେ ସଞ୍ଚିତ ପକେଟ ମନିକୁ କେତେକ ବୃଦ୍ଧାଶ୍ରମରେ ଦାନ କରି ଖୁସି ହୋଇଛି। ମୋ ଜନ୍ମଦିନରେ ଚିକିତ୍ସାଳୟକୁ ଯାଇ ଗରିବ ଲୋକଙ୍କୁ ଫଳ ଓ କିଛି କିଛି ଟଙ୍କା ପ୍ରଦାନ କରିଥାଏ । ଏଥିରେ ପରିବାର ଲୋକେ ମୋତେ ସହଯୋଗ କରି ଖୁସି ହୁଅନ୍ତି। କେରଳ ବନ୍ୟା ବେଳେ ନିଜର ପକେଟ ମନି ସହିତ ବିଭିନ୍ନ ଲୋକଙ୍କଠାରୁ ସଂଗ୍ରହ କରିଥିବା ଟଙ୍କାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ଦେଇଥିଲି। ଏଥିଯୋଗୁ ମୁଖ୍ୟମନ୍ତ୍ରୀଙ୍କଠାରୁ ମିଳିଛି ଏକ ପ୍ରମାଣପତ୍ର। ସେହିପରି ପାରିକୁଦରେ ରହୁଥିବା ସମୟରେ ସେଠାର ଦୁଇ ଗରିବ ପିଲାଙ୍କୁ ଚିକିତ୍ସା ପାଇଁ ନିଜ ସଞ୍ଚିତ ଅର୍ଥ ପ୍ରଦାନ କରିଛି। ରୋଟାରୀ କ୍ଲବ ଭୁବନେଶ୍ୱର, ଗ୍ରୀନ୍ ପାରିକୁଦ ମାରାଥନ୍ ଆଦିରୁ ସମ୍ମାନିତ ହୋଇଛି। ସେବାରୁ ମିଳୁଥିବା ଆତ୍ମତୃପ୍ତିକୁ ଅନୁଭବ କରି ମତେ ଖୁବ୍ ଖୁସି ଲାଗେ।

**ସେବାରେ ସାନ୍‌ଭି ପ୍ରିୟା:** ଯେଉଁ ବୟସରେ ପିଲାମାନେ ଖେଳକୁଦ ଓ ମୋବାଇଲ, ଟିଭି ଦେଖିବାରେ ବ୍ୟସ୍ତ ରୁହନ୍ତି। ସେ ବୟସରେ ସେ କରନ୍ତି ସମାଜସେବା। ୭ ବର୍ଷର ଝିଅ, ସମାଜସେବା କ'ଣ ଠିକ୍‌ସେ ବୁଝି ନ ପାରିଲେ ମଧ୍ୟ ସମାଜ ମଙ୍ଗଳ ପାଇଁ ସର୍ବଦା ବ୍ୟସ୍ତ ରହିଥାଏ। ଏଥିରେ ସେ ଖୁସି ମଧ ହୁଏ। ଦେଶମାତୃକା ପାଇଁ କିଛି ଭଲ କାମ କରିବାର ନିଶା ତାକୁ ସବୁବେଳେ ବ୍ୟସ୍ତ କରୁଥାଏ। ସେ ହେଲେ ଭୁବନେଶ୍ୱର ଝାରପଡ଼ା ଅଞ୍ଚଳର ସାନ୍‌ଭି ପ୍ରିୟା ସାମଲ। ପିତା ଶୁଭକାନ୍ତ ସାମଲ ଏବଂ ମାତା ସସ୍ମିତା ସାମଲ। ସାନଭି କୁହନ୍ତି, ଆଜକୁ ପ୍ରାୟ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ପରିବେଶ ସୁରକ୍ଷା ଏବଂ ସମାଜ ମଙ୍ଗଳ କାର୍ଯ୍ୟରେ ବାପାମା'ଙ୍କ ସହ ମିଶି କରୁଛି। ବେଳେବେଳେ ବାପାଙ୍କ ସହିତ କୁଆଖାଇ ନଦୀପଠାରୁ ବର୍ଜ୍ୟବସ୍ତୁ ସଫା କରିଥାଏ। ନଦୀପୋଲ ଉପରେ ଠିଆ ହୋଇ ଲୋକଙ୍କୁ ଅଳିଆ ନ ପକାଇବା ପାଇଁ କହିଥାଏ। କେତେସ୍ଥାନରେ କିଛି କିଛି ବୃକ୍ଷ ରୋପଣ କରିଛି। ବାୟୁ ପ୍ରଦୂଷଣରୁ ମୁକ୍ତି ପାଇଁ ସ୍କୁଲ ପିଲାଙ୍କ ସହ ମିଶି ଜନସଚେତନ କରିଥାଏ। ଏସବୁ କାମ ପାଇଁ ମୋ ମା'ବାପା,ଗୁରୁଜନ ଓ ଓ ସ୍କୁଲ ଶିକ୍ଷକଙ୍କଠାରୁ ପ୍ରେରଣା ମିଳୁଛି। ଏଥିପାଇଁ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନରୁ ପୁରସ୍କୃତ ହୋଇଛି। ପରିବାରର କେହି ମୋତେ ଦେଇଥିବା ଟଙ୍କାକୁ ସଞ୍ଚୟ କରି ରଖିଥାଏ। ସେଥିରୁ କିଛି ଟଙ୍କା ପରିବେଶ ସୁରକ୍ଷା ଏବଂ ଅସହାୟ ପ୍ରାଣୀଙ୍କ ସେବାରେ ଲଗାଇଥାଏ। ଲୋକଙ୍କ ପାଇଁ ଭଲ କାମ କଲେ ଠାକୁର ମଙ୍ଗଳ କରନ୍ତି ବୋଲି ସମସ୍ତେ ମତେ କହିଛନ୍ତି।

**ଖାଲି ସମୟରେ କରେ ଚାରା ରୋପଣ:** ତାଙ୍କ ନାମ ଆୟୁଷ୍ମାନ୍ ମାଝୀ। ବୟସ ପ୍ରାୟ ୧୦ ବର୍ଷ। ପିତା ବୁଲାମଣି ମାଝୀ, ମାତା ଅମିତା ତରେଇ। ଗ୍ରାମ ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଝାରକଟା ଗାଁରେ। ସେ କୁହନ୍ତି, ବଡ଼ଝାଡ଼ ଶିଶୁ ବିଦ୍ୟାମନ୍ଦିରର ଚତୁର୍ଥ ଶ୍ରେଣୀରେ ପଢୁଛି। ମୋର ସାଙ୍ଗ ଓ ଗୁରୁଜୀଙ୍କ ସହିତ ମିଶି ବିଭିନ୍ନ ଗଛ ଲଗାଇଥିଲୁ। ସେବେଠାରୁ ଗଛ ଲଗାଇବାରେ ମତେ ଖୁସି ଲାଗୁଛି। ୨୦୧୮ରୁ ୨୦୨୨ ମସିହା ମଧ୍ୟରେ ପ୍ରାୟ ୧୨୦୦ ଗଛ ଲଗାଇଛି। ବିଶେଷକରି ଚିଲିକା ଉପକୂଳବର୍ତ୍ତୀ କେତେକ ଜାଗାରେ ପ୍ରାୟ ଶତାଧିକ ତାଳ ଗୋଟମା ପକାଇଥିଲି, ସେଥିରୁ କେତେକ ଗଛ ହୋଇସାରିଲାଣି। ପ୍ରତିବର୍ଷ ମୋ ଜନ୍ମଦିନରେ ନାନା ପ୍ରକାର ବୃକ୍ଷଚାରା ରୋପଣ କରିଥାଏ। ଏମିତିରେ ଆମ ଗାଁ ନିକଟ ବିଭିନ୍ନ ସ୍କୁଲ ପରିସର, ମନ୍ଦିର ଓ ପାର୍କରେ କିଛି ଗଛ ଲଗାଇଛି। ଏଥିରେ ମୋତେ କେତେଜଣ ସାଙ୍ଗ ସାହାଯ୍ୟ କରିଥାନ୍ତି। ପ୍ରତିବର୍ଷ ଦଶହରା ଛୁଟିରେ ତାଳ ଗୁଟୁମା(ତାଳମଞ୍ଜି)ସଂଗ୍ରହ କରିଥାଏ। ଚଳିତବର୍ଷ କୃଷ୍ଣପ୍ରସାଦ ଅଞ୍ଚଳର ଶିପିଆ ଗାଁର ଖଣି ବନ୍ଧ ସୁରକ୍ଷା ନିମନ୍ତେ ସେଠାରେ ତାଳମଞ୍ଜି ଲଗାଇଛି। ଆମ ଅଞ୍ଚଳର ଜୟଦୁର୍ଗା ସଂସ୍କୃତ ବିଦ୍ୟାପୀଠ, ଗୋପୀନାଥ ଦେବ ବିଦ୍ୟାପୀଠ, ମର୍ଦ୍ଦରାଜପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ, ନୂଆପଡ଼ା ମେଡିକାଲ ପରିସର, ପଥରକଟା ପାର୍କ, ଗୋମୁଣ୍ଡିଆ ବିଜୁ ପଟ୍ଟନାୟକ ପାର୍କ, ଝାରକଟା ୟୁପି ସ୍କୁଲ, ବଡ଼ଝାଡ଼ ପ୍ରାଇମେରି ସ୍କୁଲ୍ ପରିସରରେ କେତେକ ଗଛ ଲଗାଇଛି।


ଆୟୁଷ୍ମାନ ମାଝୀ






ଶ୍ରଦ୍ଧା ଦାସ

**ବର୍ଷାଦିନେ ବୁଲି ବୁଲି ଗଛ ଲଗାଏ:** ନାଁ ତାଙ୍କର ଧ୍ୟାନ୍‌ଚାନ୍ଦ ମହାପାତ୍ର, ପିତା– ଲଳିତ ନାରାୟଣ ମହାପାତ୍ର, ମାତା–ସସ୍ମିତା ମହାପାତ୍ର। ଘର ଖୋର୍ଦ୍ଧା ଜିଲା ଟାଙ୍ଗୀ ରତନପୁର ପାଟଣାରେ। ବର୍ତ୍ତମାନ ସେ ବଳରାମ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର। ସେ କୁହନ୍ତି, ମୋ ବାପା ଜଣେ ଶିକ୍ଷାବିତ୍। ସେ ଆମକୁ ସବୁବେଳେ ଭଲ ମଣିଷ ହେବା ପାଇଁ ବିଭିନ୍ନ ମହାପୁରୁଷଙ୍କ ଜୀବନୀ କଥା କୁହନ୍ତି। ଏମିତିରେ ପ୍ରତିଦିନ କିଛି ଶ୍ଳୋକ, ଦେଶବନ୍ଦନା ଅଭ୍ୟାସ କରିଥାଉ। କିନ୍ତୁ ମା'ବାପାଙ୍କଠାରୁ ଯେବେ କିଛି ଟଙ୍କା ଆଣିଥାଏ ତାହାକୁ ଖର୍ଚ୍ଚ ନ କରି ସଞ୍ଚୟ କରି ରଖିଥାଏ । ଏଥିପାଇଁ ୨ଟି କୁମ୍ଭି ବା ସରାଗାତ ରଖିଛି। ଆମ ଘରକୁ ଯେବେ ମାମୁଘର ଲୋକ ଆସନ୍ତି ମତେ ସେମାନେ କିଛି ଟଙ୍କା ଦେଇଥାନ୍ତି। ସେସବୁ ଟଙ୍କାକୁ କୁମ୍ଭିରେ ସାଇତି ରଖିଥାଏ। ଗୋଟିଏ କୁମ୍ଭିରେ ପ୍ରତିଦିନ କିଛି କିଛି ଟଙ୍କା ସଞ୍ଚୟ କରି ରଖେ, ଯାହା ରାଷ୍ଟ୍ର ନିର୍ମାଣ ପାଇଁ ପ୍ରଦାନ କରିଥାଏ। ଏଥିପାଇଁ ପ୍ରତିବର୍ଷ ଶ୍ରାବଣ ପୂର୍ଣ୍ଣିମା ଦିନ ରାଷ୍ଟ୍ର ଉଦ୍ଦେଶ୍ୟରେ ସଞ୍ଚିତ ଅର୍ଥକୁ ସମର୍ପଣ କରିଥାଏ, ଯାହାକି ସମାଜର କେତେକ ଦୁଃଖୀରଙ୍କୀଙ୍କ ସେବାରେ ଲାଗିଥାଏ। ଛୁଟି ସମୟରେ ବର୍ଷାଦିନେ କେତେକ ସ୍ଥାନରେ ବିଭିନ୍ନ ଗଛ ଓ ଫୁଲଗଛ ଲଗାଇଥାଏ। ଖରାଦିନେ ବୁଲା ଗୋରୁଙ୍କୁ ଦେଖିଲେ ପାଖରେ ଯଦି କିଛି ଟଙ୍କା ଥାଏ ସେମାନଙ୍କୁ ବିସ୍କୁଟ କିଣି ଦିଏ। ଏବେ ପ୍ରତିଦିନ ସକାଳୁ ସକାଳୁ ସଂଘ ଶାଖାକୁ ଯାଏ। ଦେଶବନ୍ଦନା ଗାଏ, ଯୋଗ ପ୍ରାଣାୟମ କରେ। ମୋ ସହ ଆଉ କେତେଜଣ ସାଙ୍ଗ ମଧ୍ୟ ଏମିତି ଭଲ କାମ କରିଥାନ୍ତି। ଏଥିରେ ମତେ ଆନନ୍ଦ ମିଳେ। ଏପରି ତ୍ୟାଗ ଓ ଦାନ ସମ୍ପର୍କରେ ମୋ ବାପାଙ୍କଠାରୁ ଶିକ୍ଷାଲାଭ କରିଛି। ପରୋପକାରରେ ଖୁସି ହୁଏ।

**ଚିତ୍ରରେ ପରିବେଶ ସୁରକ୍ଷା:** ନାମ ତାଙ୍କର ଶ୍ରଦ୍ଧା ଦାସ, ୮ମ ଶ୍ରେଣୀର ଛାତ୍ରୀ। ପିତା ଶକ୍ତିପ୍ରସାଦ ଦାସ, ଜଣେ ଆଇନଜୀବୀ। ମାତା ଲଜ୍ଜିତା ପଟ୍ଟନାୟକ । ଘର ଖୋର୍ଦ୍ଧା ଜିଲାର କୁହୁଡ଼ିରେ। ସେ କୁହନ୍ତି, ଗାଁରେ ସରସ୍ୱତୀ ଶିଶୁମନ୍ଦିରରେ ପଢୁଥିବାବେଳେ ସେତେବେଳେ ପ୍ରଥମେ ସିଲଟ ଉପରେ ଚକ୍‌ଖଡ଼ି ଦ୍ୱାରା ବିଭିନ୍ନ ଚିତ୍ର କରିବା ପାଇଁ ଗୁରୁଜୀ ଗୁରୁମାମାନେ ମତେ ଉତ୍ସାହିତ କରୁଥିଲେ। ତା'ପରେ ଯେଉଁ ଚିତ୍ର କରୁଥିଲି ସେତେଟା ଭଲ ହେଉ ନ ଥିଲା। ତଥାପି ସେମାନେ ମତେ ପ୍ରଶଂସା କରୁଥିଲେ। ଏମିତିରେ ଧୀରେ ଧୀରେ କାଗଜରେ କେତେକ ଚିତ୍ର ଅଙ୍କନ କଲି, ଯାହା ଥିଲା ପରିବେଶ ସୁରକ୍ଷା ସମ୍ପର୍କରେ। ପୁଣି ରାସ୍ତାରେ ଘରକୁ ଫେରୁଥିବା ବେଳେ ବାଟରେ ଯାହା ଦେଖେ ସେସବୁକୁ ଘରକୁ ଯାଇ ଅଙ୍କନ କରିବାକୁ ପ୍ରୟାସ କରିଥାଏ। ଏପରି କି ଘର କାନ୍ଥରେ ମଧ୍ୟ ପେନ୍‌ସିଲ ଓ ଚକ୍‌ରେ ବିଭିନ୍ନ ଗଛଲତାର ସୁରକ୍ଷା, ପଶୁପକ୍ଷୀ ଏବଂ ଝୋଟିର ଚିତ୍ର ଅଙ୍କନ କରୁଥିଲି। ତା'ପରେ ମାମୁଘର ହରିପୁରରେ ମଧ୍ୟ ଏମିତି ଚିତ୍ର କରିବା ଅଭ୍ୟାସ ଚାଲିଲା। ମୋ ଅଜା ଲଳିତ ମୋହନ ପଟ୍ଟନାୟକ ମତେ ପ୍ରଶଂସା କରୁଥିଲେ। ମୋ ସାନଅଜା ଲଲାଟ ମୋହନ ପଟ୍ଟନାୟକ, ଯିଏକି ଓଡ଼ିଶାର ଜଣେ ବିଶିଷ୍ଟ ଚିତ୍ରଶିଳ୍ପୀ। ସେ ମୋର ଚିତ୍ର ଦେଖି ଖୁବ୍ ପ୍ରଶଂସା କରିଥିଲେ। ମୋତେ ପରାମର୍ଶ ଦେଇ ରଙ୍ଗତୂଳୀ ଦେଇଛନ୍ତି। ସେ ଆଙ୍କିଥିବା ଚିତ୍ରକୁ ଦେଖି ସେମିତି କରିବାକୁ ଚେଷ୍ଟା କଲି। ଘରେ ଅଦରକାରୀ ପ୍ଲାଷ୍ଟିକ୍ ବୋତଲ, ଦିଆସିଲ ଖୋଳ, ଧୂପକାଠି ଖୋଳ ଆଦିକୁ ନେଇ ବିଭିନ୍ନ ହସ୍ତଶିଳ୍ପ ବି ତିଆରି କରିଲି। ଆଉ ଏଥିଯୋଗୁ ସ୍କୁଲରେ ପୁରସ୍କୃତ ହୋଇଛି। ଗୁରୁଦିବସ, ରଜ, ରାଖୀପୂର୍ଣ୍ଣିମାରେ ବିଭିନ୍ନ ଚିତ୍ର ତିଆରି କରିଥାଏ। ଚାଉଳ, ହରଡ଼ ଡାଲିରେ ମଧ ବିଭିନ୍ନ ଚିତ୍ର କରିଥାଏ। ଏତଦ୍‌ବ୍ୟତୀତ ବୁଲା ଗାଈଗୋରୁଙ୍କୁ ଦେଖିଲେ ସେମାନଙ୍କ ପାଖକୁ ଆସି ବିସ୍କୁଟ, ଫଳ ଖାଇବାକୁ ଦେଇଥାଏ। ଆଉ ଘରେ ସଞ୍ଚୟ କରି ରଖିଥିବା ପକେଟ ମନିରୁ କେହି ଅଭାବୀ ପିଲାଙ୍କୁ ଦେଇ ଖୁସି ହୋଇଥାଏ। ସେମାନଙ୍କୁ ପରିବେଶ ସୁରକ୍ଷାର ଚିତ୍ର ପ୍ରଦାନ କରେ। ଏଥିରେ ବି ମତେ ଖୁସି ଲାଗେ।


ନିଷ୍ଠା ଦାଶ



ଶାନ୍ତନୁ ସାହୁ


ଧ୍ୟାନ୍‌ଚାନ୍ଦ ମହାପାତ୍ର

**ସୁସ୍ଥ ପରିବେଶର ଚିନ୍ତା:** ଦୀପାବଳି ହେଉ କି ହୋଲି। ରାସାୟନିକ ଦ୍ରବ୍ୟରେ ତିଆରି ରଙ୍ଗ କିମ୍ବା ଶବ୍ଦ ପ୍ରଦୂଷଣକାରୀ ବିଭିନ୍ନ ଆତସବାଜିକୁ ବ୍ୟବହାର କରନ୍ତି ନାହିଁ। ପରିବେଶ ସୁରକ୍ଷା ନିମନ୍ତେ ପ୍ରାକୃତିକ ରଙ୍ଗକୁ ବ୍ୟବହାର କରି ହୋଲି ପାଳନ କରନ୍ତି। ଠିକ୍ ସେମିତି ବେଲୁନ ଫୁଟାଇ ଏବଂ ଦୀପ ଜାଳି ଦୀପାବଳି ପାଳନ କରନ୍ତି। କେବଳ ସେତିକି ନୁହେଁ, ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷ ରୋପଣ କାର୍ଯ୍ୟରେ ସେ ସାମିଲ ହୋଇଥାନ୍ତି। ସେ ହେଲେ ଶାନ୍ତନୁ କୁମାର ସାହୁ, ବୟସ ପ୍ରାୟ ୭ ବର୍ଷ। ଭୀମଟାଙ୍ଗୀ ସରସ୍ୱତୀ ଶିଶୁମନ୍ଦିର ଛାତ୍ର। ଭୁବନେଶ୍ୱରର ପୋଖରୀପୁଟ ଅଞ୍ଚଳରେ ରୁହନ୍ତି। ସେ କୁହନ୍ତି, ପରିବେଶ ସୁରକ୍ଷା ନିମନ୍ତେ ବିଭିନ୍ନ ଚିତ୍ର ଅଙ୍କନ କରି ଜନସଚେତନତା ସୃଷ୍ଟି କରିଥାଏ। ମୋ ବାପା ସୁଶାନ୍ତ ସାହୁ ଜଣେ ସାମାଜିକ କର୍ମୀ ଆଉ ପରିବେଶବିତ୍ ମଧ। ମା' ଜଣେ ଚିତ୍ରଶିଳ୍ପୀ। ତେବେ ଆମ ଘରେ ମା'ବାପା ଯେଉଁ ସାମାଜିକ କାର୍ଯ୍ୟ କରନ୍ତି ସେଥିରେ ସାମିଲ ହୋଇଥାଏ। ଏମିତିରେ ମୋର ପରିବେଶ ସୁରକ୍ଷାର ଚିତ୍ର ଅଙ୍କନ ଅଭ୍ୟାସ ହୋଇଗଲାଣି। ଏହା ମତେ ଖୁବ୍ ଭଲ ଲାଗୁଛି। ବାପାଙ୍କ ସହିତ ଯାଇ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଇଥାଏ। ଏଥିରେ ମତେ ଖୁବ୍ ଉତ୍ସାହ ଲାଗେ। ଜଳର ସୁରକ୍ଷା ନେଇ ଜଳ ଓ କ୍ଷୀର ଉପରେ ଏକ ସ୍ୱତନ୍ତ୍ର ଚିତ୍ର ଅଙ୍କନ କରିଛି, ଯାହା ଦିନେ ଜଳର ସଙ୍କଟ ଯୋଗୁ କ୍ଷୀରଠାରୁ ବି ଜଳ ମହଙ୍ଗା ହୋଇପଡ଼ିବ। ଏଥିପାଇଁ ସମସ୍ତେ ଜଳର ସଂରକ୍ଷଣ କଥା ଚିନ୍ତା କରିବା ଉଚିତ । ଜଳର ଉପଯୁକ୍ତ ବ୍ୟବହାର ପ୍ରତି ଯତ୍ନବାନ ହେବାକୁ ପଡ଼ିବ। ଏହି ଚିତ୍ର ପାଇଁ କେତେଜଣ ପରିବେଶପ୍ରେମୀଙ୍କ ପାଖରେ ସୁପରିଚିତ ହୋଇପାରିଛି। ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷରୋପଣ ଚିତ୍ରରେ ସର୍ବଦା ମନ ବଳାଇଥାଏ ।

**ପରୋପକାର ରାସ୍ତା ଦେଖାଇଛି ପିଗି ବ୍ୟାଙ୍କ:** ନିଷ୍ଠା ଦାଶ ସେଣ୍ଟ ଜାଭିଅର କିଡ୍ସରେ ଷ୍ଟାଣ୍ଡର୍ଡ ସେଭେନର ଛାତ୍ରୀ। ବାପା– ସାହିତ୍ୟିକ ପବିତ୍ର ମୋହନ ଦାଶ ଓ ମା' ସାହିତ୍ୟିକା ମାନମୟୀ ରଥଦାଶ। ତାଙ୍କରି ପ୍ରେରଣାରେ ନିଷ୍ଠା ନିଜ ପିଗି ବ୍ୟାଙ୍କରୁ ପଇସା ନେଇ ଗରିବ ପିଲାଙ୍କୁ ସାହାଯ୍ୟ କରିବା ସହ ସାଙ୍ଗମାନଙ୍କୁ ନେଇ ଗଛ ଲଗାଇବା ଆରମ୍ଭ କରିଥିଲେ। ନିଷ୍ଠା କୁହନ୍ତି, ' ମୋର ପିଗି ବ୍ୟାଙ୍କର ପ୍ରାୟ ପଇସା ଗଛ ଲଗାଇବା ଓ ଗରିବ ପିଲାଙ୍କୁ ରବର, ପେନ୍‌ସିଲ କିଣିବା ଓ ବୃଦ୍ଧାବୃଦ୍ଧମାନଙ୍କୁ ବିଭିନ୍ନ ଖାଇବା ଜିନିଷ ଦେବାରେ ହିଁ ଖର୍ଚ୍ଚ ହୁଏ। ଘର ପାଖରେ ଥିବା ଦୋକାନକୁ ମୁଁ ସବୁଦିନ ସଉଦା ଆଣିବାକୁ ଯାଏ। ବାବା ମାମାଙ୍କ ପାଖରେ ଯେତେବେଳେ ଖୁଚୁରା ନଥାଏ, ମୋତେ ବଡ଼ ନୋଟ ମିଳେ ଭଙ୍ଗେଇକି ଜିନିଷ କିଣିବାକୁ। ସଉଦା କିଣିଲା ପରେ ଯାହା ପଇସା ବଳେ ମୁଁ ରଖିପକାଏ ମୋ ପିଗି ବ୍ୟାଙ୍କରେ। ଏହାଛଡା ଘରକୁ ବୁଲି ଆସିଥିବା ମାଉସୀ, ଆଈ, ପିଉସୀ, ମାମୁଁମାନେ ମୋତେ ହାତ ଖର୍ଚ୍ଚ ପାଇଁ ପଇସା ଦିଅନ୍ତି। ଛୋଟ ପିଲାଙ୍କର ଦଶ ଟଙ୍କା ବହୁତ ବୋଲି ମାମା ବୁଝେଇଥାଏ କିନ୍ତୁ ସେମାନେ ନମାନି ମୋତେ ଅଧିକ ପଇସା ଦିଅନ୍ତି । ମୋ ପଇସା ମୁଁ ଖର୍ଚ୍ଚ କଲେ କେହି କିଛି କହୁ ନ ଥିବାରୁ ମୁଁ ନର୍ସରୀରୁ ବିଭିନ୍ନ ଗଛ ଚାରା ଏବଂ ଫୁଲ କୁଣ୍ଡ କିଣେ ଓ ମୋର ସାଙ୍ଗମାନଙ୍କୁ ଡାକି ସମସ୍ତେ ମିଶି ଗଛ ଲଗାଉ। ୟୁଟ୍ୟୁବ ଦେଖି ହ୍ୟାଣ୍ଡ ମେଡ କ୍ରାଫ୍ଟ ପାଇଁ ଜିନିଷ କିଣେ। ଜନ୍ମଦିନ, ନୂଆବର୍ଷ, ରାକ୍ଷୀ ପାଇଁ ନିଜେ ଉପହାର ତିଆରି କରି ସମସ୍ତଙ୍କୁ ଦିଏ। ଜେଜେ ମାଆଙ୍କ ପାଟିକୁ ଭଲ ଲାଗିଲା ଭଳି ଖାଇବା ଜିନିଷ ୟୁ ଟ୍ୟୁବ ଦେଖି କରେ। ମୋ ସହ ସାଙ୍ଗ ହେଉଥିବା ଛୋଟ ଛୋଟ ପିଲା ଯାହାଙ୍କର କଲମ, କଲର, ପେନ୍ସିଲ, ଆଦି ନ ଥାଏ ମୁଁ ସେମାନଙ୍କୁ କିଣିକି ଦିଏ। ଅନେକ ସମୟରେ ଚକୋଲେଟ, ବିସ୍କୁଟ ଆଦି କିଣି ମିଶିକି ଖାଉ। ଦୋକାନରୁ ନିଜ ପଇସାରୁ କିଣି ନୂଆ ପ୍ରକାରର ଖାଇବା ଜିନିଷ ତିଆରି କରି ଜେଜେମାଙ୍କୁ ଦିଏ । ସେ ବହୁତ ଖୁସି ହୁଅନ୍ତି। ସମସ୍ତଙ୍କୁ ମୋ ରୋଷେଇ ଏବଂ କାମ ବିଷୟରେ ପ୍ରଶଂସା କରନ୍ତି । ଆମ ସ୍କୁଲରେ'' ଗଛଟିଏ , ପିଲାଟିଏ'' କୁହା ହୁଏ। ତେଣୁ ସୁବିଧା ପାଇଲେ ମୁଁ ଗଛ ଲଗାଏ। ଗଛ ଲଗେଇବାକୁ ନେଇ ମୁଁ ମୋ ୟୁ ଟ୍ୟୁବ ଚ୍ୟାନେଲରେ ସମସ୍ତଙ୍କୁ କୁହେ। ମୁଁ ମୋ ସାଙ୍ଗମାନେ ମିଶି ଘର, ସ୍କୁଲ ଓ ଆମ ପାଖ ରାସ୍ତାରେବହୁତ ଗଛ ଲଗେଇଛୁ।

ଏମାନଙ୍କ ବ୍ୟତୀତ ଆହୁରି ଅନେକ ଶିଶୁ ପ୍ରତିଭା ଅଛନ୍ତି, ଯେଉଁମାନେ କି ବିଭିନ୍ନ ସମାଜ ମଙ୍ଗଳ କାର୍ଯ୍ୟରେ ନିଜକୁ ଯୋଡ଼ିଥାନ୍ତି।


**–ବନବିହାରୀ ବେହେରା, କୈଳାସ ପଟ୍ଟନାୟକ**



ଆଦ୍ୟାଶା ହୋତା



# ଅଜବ ଆଇବ୍ରୋ ମେକ୍ଅପ୍








**ଆ**ଇବ୍ରୋ ବା ଭ୍ରୁଲତାର ମେକ୍ଅପ୍ ଚେହେରାର ଲୁକ୍ ବଦଳାଇ ଦିଏ। ତେଣୁ ଏହାକୁ ନେଇ ହୁଏ ଅନେକ ଏକ୍ସପେରିମେଣ୍ଟ। କିଛି ଆଇବ୍ରୋ ମେକ୍ଅପ୍ ବେଳେବେଳେ ଏତେ ଅଜବ ସହ ଆକର୍ଷକ ହୋଇଛି ଯେ, ତାହା ସୋସିଆଲ ମିଡିଆରେ କରିଛି ଟ୍ରେଣ୍ଡ। ସେମିତି କେତୋଟି ଆଇବ୍ରୋ ମେକ୍ଅପ୍ ସମ୍ପର୍କରେ..

**ୱେଭି ଆଇବ୍ରୋ:** ସମୁଦ୍ରର ଢେଉ ତଥା ଜଳ ତରଙ୍ଗ ପରି ଦେଖିବାକୁ ଏହି ଆଇବ୍ରୋ ମେକ୍ଅପ୍। ଜେସିକା ବ୍ରୋଡର୍ସନ୍ ନାମକ ମେକ୍ଅପ୍ ଆର୍ଟିଷ୍ଟ ପ୍ରଥମେ ଏହି ଆଇବ୍ରୋ ମେକ୍ଅପ୍ କରି ୨୦୧୭ରେ ସୋସିଆଲ ମିଡିଆରେ ତା'ର ଫଟୋ ଅପଲୋଡ କରିଥିଲେ। ପରେ ଏହା ଟ୍ରେଣ୍ଡ ପାଲଟିଯାଇଥିଲା। ଏଥିରେ ମୋଟା ଭ୍ରୁଲତାକୁ ସେ ଢେଉର ରୂପ ଦେଇଥିଲେ। ତେବେ ଏଥିପାଇଁ ଭ୍ରୁଲତାକୁ ସେହି ଆକାରରେ କାଟି ନ ଥିଲେ ବରଂ ସେ ଆଇବ୍ରୋ ପେନ୍ସିଲ୍ର ବ୍ୟବହାର କରିଥିଲେ।



**ରେନ୍ବୋ ଆଇବ୍ରୋ:** ଆଲେକ୍ଜାଣ୍ଡ୍ରା ମାରିନୋ ପ୍ରଥମକରି ବିଭିନ୍ନ ପ୍ରକାରର ଭାଇବ୍ରାଣ୍ଟ କଲର୍ ବ୍ୟବହାର କରି ଆଇବ୍ରୋକୁ ରେନ୍ବୋ ଲୁକ୍ ଦେଇଥିଲେ। ଯାହା ରେନ୍ବୋ ଆଇବ୍ରୋ ଭାବେ ସୋସିଆଲ ମିଡିଆରେ ଟ୍ରେଣ୍ଡ କରିଥିଲା। ଏହି ଲୁକ୍ ବେଶ୍ ଗ୍ଲାମର୍ସ ଥିଲା। ଏହି ଲୁକ୍ ସହ ସେ ନିଜ କେଶକୁ ବି ବିଭିନ୍ନ ରଙ୍ଗରେ କଲର୍ କରିଥିଲେ।

**ବ୍ରେଡେଡ ବ୍ରୋ:** କେଶରେ ବିଭିନ୍ନ ପ୍ରକାରର ବ୍ରେଡ ବା ବେଣୀ କରାଯାଏ। ଯାହା ଭିନ୍ନ ଭିନ୍ନ ଲୁକ୍ ଦେଇଥାଏ। ହେଲେ ଭ୍ରୁଲତାରେ ଯେ, ବେଣୀ କରିହେବ ସେ କଥା କେହି ଚିନ୍ତା କରି ନ ଥିବେ। ମେକ୍ଅପ୍ ଆର୍ଟିଷ୍ଟ ଏରୋସ୍ ଗୋମେଜ୍ ଭ୍ରୁଲତାରେ ବେଣୀ କରିବାକୁ ପ୍ରୟାସ କରିଥିଲେ। ଭ୍ରୁଲତାର ଏହି ଲୁକ୍ ଦେଖି ଭ୍ରୁଲତାରେ ବା ବେଣୀ କେମିତି ହୋଇପାରିଲା ଭାବୁଥିବେ। ହେଲେ ଏ ହେଉଛି ମେକ୍ଅପ୍ ଆର୍ଟିଷ୍ଟ ଏରୋସ୍ଙ୍କ ହାତର ଯାଦୁ। ସେ ଏପରି ଅପ୍ଟିକାଲ୍ ଇଲ୍ୟୁଜନ୍ ଆର୍ଟ ଭ୍ରୁଲତାରେ କରିଛନ୍ତି ଯେ, ଯାହାକୁ ଦେଖିଲେ ଭ୍ରୁଲତାରେ ବେଣୀ ପକାଯାଇଥିବା ପରି ଦେଖାଯାଏ।

**ଫିଶ୍ଟେଲ୍ ବ୍ରୋ:** ୨୦୧୮ରେ ଆଇବ୍ରୋର ଆଉ ଏକ ନୂଆ ଟ୍ରେଣ୍ଡ ଆସିଥିଲା। ଆମେରିକୀୟ ମେକ୍ଅପ୍ ଆର୍ଟିଷ୍ଟ ତଥା ବିଉଟି ଭ୍ଲଗର୍ ହୁଡା କତନ୍ ଭ୍ରୁଲତାରେ ଏହି ମେକ୍ଅପ୍ କରି ତାକୁ ସୋସିଆଲ୍ ମିଡିଆରେ ଶେୟାର କରିଥିଲେ। ଏଥିରେ ଭ୍ରୁଲତାର ମେକ୍ଅପ୍ ଫିଶଟେଲ୍ ପରି କରାଯାଇଥିଲା। ଯାହା ସୋସିଆଲ ମିଡିଆରେ ବେଶ୍ ଟ୍ରେଣ୍ଡ କରିଥିଲା। ଏହି ଆଇବ୍ରୋ ମେକଅପ୍ରେ ଭ୍ରୁଲତାର ପଛ ଅଂଶକୁ ଦୁଇଟି ଭାଗରେ ବିଭକ୍ତ କରି ଉପରଭାଗକୁ ଉପରକୁ ମୋଡି ଓ ତଳଭାଗକୁ ତଳକୁ ମୋଡି ମାଛ ଲାଞ୍ଜର ଲୁକ୍ ଦିଆଯାଇଥିଲା।

**ଫିଦରଡ୍ ବ୍ରୋ:** ୨୦୧୭ରେ ଆଉ ଏକ ଆଇବ୍ରୋ ମେକ୍ଅପ୍ ବେଶ୍ ଟ୍ରେଣ୍ଡ କରିଥିଲା। ସେ ହେଉଛି ଫିଦର୍ଡ ବ୍ରୋ। ମେକ୍ଅପ୍ ଆର୍ଟିଷ୍ଟ ଷ୍ଟେଲା ସେରୋନେନ୍ କରିଥିବା ଏହି ଆଇବ୍ରୋ ମେକ୍ଅପ୍ ଥିଲା ବେଶ୍ କୁଲ୍। ଏଥିରେ ସେ ଆଇବ୍ରୋକୁ ପକ୍ଷୀର ପର ପରି ଲୁକ୍ ଦେଇଥିଲେ। ଏହି ଲୁକ୍ ପାଇଁ ସେ ଆଇବ୍ରୋକୁ ଲମ୍ବାଭାବେ ମଝିରୁ ଦୁଇଭାଗରେ ବିଭକ୍ତ କରି ଉପରଭାଗକୁ ଉପରକୁ ଓ ତଳଭାଗକୁ ତଳକୁ ବ୍ରଶ୍ କରିଥିଲେ।

**ଜୁଏଲ୍ଡ ଆଇବ୍ରୋ:** ସୁନ୍ଦର ରଙ୍ଗିନ ତଥା ଦାମୀ ରତ୍ନ ପଥରରେ ଆଇବ୍ରୋକୁ ସଜାଇ ଏକ ଗ୍ଲାମର୍ସ ଲୁକ ଦେଇଥିଲେ ଜିପ୍ସି ଶ୍ରାଇନ୍। ବେଶ୍ ଆକର୍ଷକ ଲାଗୁଥିବା ଏହି ଆଇବ୍ରୋ ମେକ୍ଅପ୍ ମଡେଲଙ୍କୁ ଦେଉଥିଲା ଏକ ଭିନ୍ନ ଲୁକ୍।

**ଲାଇଟିଂ ବୋଲ୍ଟ ଆଇବ୍ରୋ:** ଏହି ଆଇବ୍ରୋ ମେକ୍ଅପ୍ ଲାଗି ମେକ୍ଅପ୍ ଆର୍ଟିଷ୍ଟ ଜକିଆ ଓ୍ୱହବି ପ୍ରସିଦ୍ଧ। ଏଥିରେ ସେ ଆଇବ୍ରୋର ଶେଷଭାଗକୁ ବିଜୁଳି ପରି ଲୁକ୍ ଦେଇଥାନ୍ତି। ମୋଟା ପ୍ରୋମିନେଣ୍ଟ ଆଇବ୍ରୋରେ ଏହି ଲୁକ୍ ବେଶ୍ ଚମତ୍କାର ଲାଗେ।









# ତିନି ନାୟିକାଙ୍କ ‘ନାୟିକା’

ସେମାନେ ତିନିଜଣ, ତିନି ହେଁ ନାଟ୍ୟ ନିର୍ଦ୍ଦେଶିକା, ଲେଖିକା ଓ ଅଭିନେତ୍ରୀ। ନାଟକର ପ୍ରଚାର ପ୍ରସାର ସହ ମହିଳାମାନଙ୍କୁ ଆଗକୁ ଆଣିବା ପାଇଁ ସେମାନେ ତିନୋଟି ଜାଗାରେ ଗଢିଛନ୍ତି ନାଟ୍ୟ ଅନୁଷ୍ଠାନ ‘ନାୟିକା’। ଏହି ତିନିଜଣ ହେଲେ ସୁସ୍ମିତା ରଣା, ସୁଜାତା ପ୍ରିୟମ୍ବଦା ଓ କନକଲତା ଦାସ। ‘ନାୟିକା’ର ଆରମ୍ଭରୁ ଆଜି ପର୍ଯ୍ୟନ୍ତର ଯାତ୍ରା କଥାକୁ ନେଇ ଯାହା କୁହନ୍ତି ସେମାନେ..

**‘ନାୟିକା’ ବାଲେଶ୍ୱରର ପ୍ରତିଷ୍ଠାତା:** ଥରେ ସେ ଏକ ନାଟକ ଦେଖିବାକୁ ଯାଇଥିଲେ ଆଉ ସେବେଠୁ ତାଙ୍କ ମନରେ ନାଟକ ଲେଖିବା, ଅଭିନୟ କରିବା ଓ ନିର୍ଦ୍ଦେଶନା ଦେବାର ଆଗ୍ରହ ଜନ୍ମ ନେଲା। ସମୟକ୍ରମେ ସେ ଗଢିଲେ ନାୟିକା ନାମରେ ଏକ ନାଟ୍ୟ ଅନୁଷ୍ଠାନ, ଯାହା ତାଙ୍କୁ ଦେଲା ଭିନ୍ନ ପରିଚୟ। ସେ ହେଲେ ନାଟ୍ୟ ସଂଗଠିକା, ନିର୍ଦ୍ଦେଶିକା ଓ ଅଭିନେତ୍ରୀ **ସୁସ୍ମିତା ରଣା**। ଘର ବାଲେଶ୍ୱର ଜିଲା ମୋତିଗଞ୍ଜ ଅଞ୍ଚଳର ମଣିଖମ୍ବ ଗାଁରେ। ସେ କୁହନ୍ତି, ଥରେ ଏକ ନାଟକ ଦେଖିବାକୁ ଯାଇଥିଲି ଆଉ ତା ପରେ ମତେ ଘାରିଥିଲା ନାଟକ ଲେଖିବାର ନିଶା। ଓଡ଼ିଶାର କେତେଜଣ ବିଶିଷ୍ଟ ସାହିତ୍ୟିକ ଓ କଥାକାରମାନଙ୍କ କାହାଣୀଗୁଡ଼ିକୁ ନେଇ ନାଟ୍ୟରୂପାନ୍ତର କରିଛି। ମୋର ପ୍ରଥମ ନାଟକ ‘ଅନ୍ୟ ଏକ ରେବତୀ’ ଗାଳ୍ପିକା ବାସନ୍ତି ପାଣିଗ୍ରାହୀଙ୍କ ଲେଖା। ପରେ ପରେ ପଣ୍ଡିତ ଗୋଦାବରୀଶ ମହାପାତ୍ରଙ୍କ ନୀଳମାଷ୍ଟ୍ରାଣୀ, ବ୍ୟାସକବି ଫକୀର ମୋହନଙ୍କ ରେବତୀ, କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ମାଂସର ବିଳାପ, ଜନନୀ ଜନ୍ମ ଭୂମିଶ୍ଚ ଓ ‘ନ ପଢିଲେ ପାଠ ଜୀବନଟା କାଠ’ ଆଦିକୁ ନିର୍ଦ୍ଦେଶନା ମଧ୍ୟ ଦେଇଛି। ଦେଖାଯାଏ ବିଭିନ୍ନ ସାହିତ୍ୟକୃତିକୁ ନେଇ ପ୍ରସ୍ତୁତ ହୋଇଥିବା ନାଟକକୁ ସାଧାରଣ ଦର୍ଶକ ଭଲଭାବେ ଗ୍ରହଣ କରିଥା’ନ୍ତି। ତେବେ ନାଟକ ମଞ୍ଚସ୍ଥ ପୂର୍ବରୁ ନାଟକର ସାହିତ୍ୟିକ ମୂଲ୍ୟବୋଧ ଅପେକ୍ଷା ମଞ୍ଚାୟନ ମୂଲ୍ୟବୋଧ ସହିତ ଦର୍ଶକ କ’ଣ ଦେଖିବାକୁ ଚାହାନ୍ତି ତାକୁ ମୁଁ ଗୁରୁତ୍ୱ ଦେଇଥାଏ। ଯାହା ଦର୍ଶକଙ୍କ ମନକୁ ଟାଣିଧରେ। ମୋର ଅନ୍ୟାନ୍ୟ ନାଟକ ମଧ୍ୟରେ ଖାସ୍ ନିଶ ନିମନ୍ତେ, ବନ୍ୟା, ଘୋଡ଼ାମୁହାଁଙ୍କ ଉଦ୍ଦେଶ୍ୟରେ, ‘କ’ କଣ୍ଢେଇ, ଚୁପ୍, ଜବର ଭୂତ, ଲାଷ୍ଟ ଟ୍ରେନ୍ ଆଦିକୁ ନିର୍ଦ୍ଦେଶନା ଦେଇସାରିଛି। ବାଲେଶ୍ୱରର ‘ନାୟିକା’ ଅନୁଷ୍ଠାନ ଭାଗନେଇଥିବା ବିଭିନ୍ନ ନାଟ୍ୟ ମହୋତ୍ସବ ମଧ୍ୟରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆଦିରେ ବିଭିନ୍ନ ନାଟକ ମଞ୍ଚସ୍ଥ ହୋଇଛି। ସେହିପରି ତକ୍ଷଶିଳା ଆସାମ ଦ୍ୱାରା ଆୟୋଜିତ ଅଖିଳ ଭାରତ ନାଟ୍ୟ ମହୋତ୍ସବ, ରବୀନ୍ଦ୍ର ଭବନ ଗୁଆହାଟୀ ଆସାମ-୨୦୦୮, ଓଁ ନାଟ୍ୟସଂସ୍ଥ ବାରିପଦା ଆଦିରେ ନୀଳମାଷ୍ଟ୍ରାଣୀ, ‘ଇଶୋ ନାଟକ ଶିଖ’ ମଞ୍ଚସ୍ଥ ହୋଇଥିବାବେଳେ କଲିକତାରେ ଆୟୋଜିତ ସର୍ବଭାରତୀୟ ଶିଶୁ ନାଟକ ମହୋତ୍ସବରେ ‘ମାଂସର ବିଳାପ’ ମଞ୍ଚସ୍ଥ ହୋଇଥିଲା। ସଂସ୍କାରଭାରତୀ ନାଟ୍ୟକେନ୍ଦ୍ର ଆଗ୍ରାରେ ଆୟୋଜିତ ବହୁଭାଷୀ ନାଟକ ପ୍ରତିଯୋଗିତା, ବିନ୍ଦୁବଳୟ ବାଲେଶ୍ୱର ଦ୍ୱାରା ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା, ଅଙ୍ଗନାଟ୍ୟ ମଞ୍ଚ ବିହାର, ଥିଏଟର ମୁଭମେଣ୍ଟ କଟକ, ଅଖିଳ ଭାରତୀୟ ସାଂସ୍କୃତିକ ସଂଘ ପୁଣେ, ପ୍ରଭାସ ଧାରା ପ୍ରଜା ନାଟ୍ୟମଣ୍ଡଳ ଛତିଶଗଡ଼, ଅନାମୀ ଥିଏଟର ଜଲପାଇଗୁଡ଼ି ପଶ୍ଚିମବଙ୍ଗ, କେସେଣ୍ଡ୍ରା କଲଚରାଲ ସେଣ୍ଟର କେନ୍ଦୁଝର, ଆରାବଳୀ ଆର୍ଟିଷ୍ଟ ଏକାଡେମୀ ରାଜସ୍ଥାନ, ସର୍ବଭାରତୀୟ ବହୁଭାଷୀ ନାଟକ ମହୋତ୍ସବ ଆସାମ, ଜାଗରଣ ଇଣ୍ଟର ନ୍ୟାଶନାଲ ଦେବଗଡ଼, ଶିଳ୍ପ କୀର୍ତ୍ତି କଲିକତା ଆଦି ସ୍ଥାନରୁ ବିଭିନ୍ନ ନାଟ୍ୟ ସଂସ୍ଥା ଦ୍ୱାରା ଏକାଧିକ ପୁରସ୍କାର ଓ ସମ୍ମାନ ମିଳିପାରିଛି। ତେବେ ଗୋଟିଏ କଥା କହିବି ନାଟକରେ ମୁଁ ପାଠ ପଢ଼ିନାହିଁ। ପିଲାଟି ଦିନରୁ ନାଟକକୁ ଭଲପାଇ ନାଟକ କରୁଛି । କିନ୍ତୁ ୨୦୦୫ ମସିହାରେ ନାଟ୍ୟଚେତନା ଦ୍ୱାରା ଖୋର୍ଦ୍ଧାର ନାଟ୍ୟଗ୍ରାମରେ ଆୟୋଜିତ ନାଟ୍ୟମେଳା କର୍ମଶାଳାରେ ନାଟକ ଲେଖିବା ଓ ନିର୍ଦ୍ଦେଶନା ପାଇଁ ପ୍ରେରଣା ପାଇଥିଲି। ସେହିବର୍ଷ ଏଠାକୁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୧୦/୧୫ଜଣ ଝିଅ ଏକାଠି ହୋଇଥିଲୁ । ନାଟକ ପ୍ରତି ଆସକ୍ତି, ଆକର୍ଷଣ, ଭଲପାଇବା ଓ ଦୁର୍ବଳତା ଯୋଗୁ ଏକ ଅନୁଷ୍ଠାନର ପରିକଳ୍ପନା ମନଭିତରେ ତୀବ୍ର ହେଲା। କର୍ମଶାଳାର ଶେଷରେ ସବୁ ଝିଅ ମିଶି ଏକ ନାଟ୍ୟାନୁଷ୍ଠାନ ଗଢିବାର ନିଷ୍ପତ୍ତି ନେଇଥିଲୁ। ଶେଷରେ ଅନୁଷ୍ଠାନର ନାମ ‘ନାୟିକା’ ରଖାଯାଇଥିଲା।



ସୁସ୍ମିତା ରଣା



ସୁଜାତା ପ୍ରିୟମ୍ବଦା



କନକଲତା ଦାଶ

ସେହିପରି ନାୟିକା ରାଉରକେଲାର ଦାୟିତ୍ୱ ନେଇଛନ୍ତି **କନକଲତା ଦାଶ** ସେ ଏକାଧିକ ନାଟକ ନିର୍ଦ୍ଦେଶନା ଦେବା ସହିତ ଅନେକ ନାଟକରେ ଅଭିନୟ କରିସାରିଲେଣି। ସେ କୁହନ୍ତି ନାୟିକା ରାଉରକେଲାର ପ୍ରାୟ ୧୦୫୦ଜଣ ସଦସ୍ୟା ଅଛନ୍ତି। ସନ୍ତାନ, ଶୂନ୍ୟତା, ସୁଲତା, ଏଇତ ଜୀବନ, ଓଡ଼ିଆବୋହୂ, ଦାସିଆ ବାଉରୀ ଆଦି ଏକାଧିକ ନାଟକକୁ ରଚନା କରିବା ସହ ନିର୍ଦ୍ଦେଶନା ଦେଇସାରିଛି।

ସେମିତି ନାଟ୍ୟ ଚେତନା ଖୋର୍ଦ୍ଧା ‘ନାୟିକା’ର ପରିଚାଳନା ଦାୟିତ୍ୱ ନେଇଥିବା **ସୁଜାତା ପ୍ରିୟମ୍ବଦା** କୁହନ୍ତି, ‘କେବଳ ମହିଳାମାନଙ୍କ ଦ୍ୱାରା ଭିନ୍ନ ଏକ ନାଟ୍ୟ ଅନୁଷ୍ଠାନ ‘ନାୟିକା’ ନାଟ୍ୟଅନୁଷ୍ଠାନ ଗଢିଉଠିଛି। ୧୯୯୪ରେ କେତେଜଣ ଝିଅ ନାଟ୍ୟଚେତନାର ଏକ ନାଟ୍ୟକର୍ମଶାଳରେ ଯୋଗ ଦେଇଥିଲେ ସେତେବେଳେ ମହିଳାଙ୍କ ଦ୍ୱାରା ନାଟକକୁ ନେଇ ପ୍ରତିନୀଧିତ୍ୱ କରିବାର ଚିନ୍ତା କରାଯାଇଥିଲା। ତେବେ କିଛିବର୍ଷ ପରେ ଝିଅମାନଙ୍କ ଦ୍ୱାରା ଏଠାରେ ଆରମ୍ଭ ହୋଇଥିଲା ନାଟକ ନିର୍ଦ୍ଦେଶନା ଦେବା । ଏଯାଏ ପ୍ରାୟ ୫୦ଟି ନାଟକରେ ନିର୍ଦ୍ଦେଶନା ଦେଇସାରିଛି। ‘ରେବତୀ ସେବତୀ ଏବତୀ’ ନାଟକରେ ନାରୀଜାଗରଣର ସ୍ୱର ଦେଖିବାକୁ ମିଳେ। ଏହି ନାଟକଟି ପ୍ରାୟ ଶହେ ପାଖାପାଖି ମଞ୍ଚରେ ମଞ୍ଚସ୍ଥ ହୋଇସାରିଲାଣି । ଅନ୍ୟପକ୍ଷେ ମହିୟସୀ ମହିଳାମାନଙ୍କ ସଫଳ କାହାଣୀକୁ ନେଇ କିପରି ଅଧିକରୁ ଅଧିକ ନାଟକ ରଚନା କରାଯାଇ ପାରିବ ସେଥିପ୍ରତି ଚିନ୍ତା କରୁଛି। ଏମିତିରେ ଗୋଟିଏ ନାଟକ ଯାହାର ନାଁ ‘ଦେଶୀ’ ଏଥିରେ ଓଡ଼ିଶାର ଖାଦ୍ୟପେୟ, ଚଳଣୀ,ପୋଷାକପତ୍ର ଆଦି ବିଷୟ ରହିଛି। ପୁଣି ମହିଳାମାନଙ୍କ ନେତୃତ୍ୱରେ ନାୟିକା ନାମରେ ୩/୫ଦିନଧରି ଏକ ନାଟକ ମହୋତ୍ସବ ଆୟୋଜନର ଯୋଜନା ରହିଛି। ତେବେ ବିଭିନ୍ନ ସମୟରେ ‘ନାୟିକା’ର ସଦସ୍ୟାମାନେ ଜନସଚେତନତା ଉଦ୍ଦେଶ୍ୟରେ ନାଟକ ମଞ୍ଚସ୍ଥ କରିଥା’ନ୍ତି। ଯାହାର ମୂଳ ଲକ୍ଷ୍ୟ ହେଲା ନାଟକ ଦ୍ୱାରା ସମାଜ ପରିବର୍ତ୍ତନ କରିବା।

–ବନବିହାରୀ ବେହେରା









# ସମ୍ବେଦନା

-ଲୋପାମୁଦ୍ରା ପରିଡ଼ା

ସ୍କୁଲ ବସ୍ ରହିଲା ଆସ୍ତେ କି ବ୍ରେକ୍ କଷି । ଘିସ୍ ସ୍ ସ୍ ସ୍......... ''ଟା ଟା । କାଲି ଦେଖାହବ ହମ୍ ।'' ସମସ୍ତେ ସମସ୍ତଙ୍କୁ କହୁଥିଲେ । କଣ୍ଢେଇଟିଏ ବି ଓହ୍ଲାଇ ଆସିଲା । ଟିକି ପାଦରେ ଦଉଡ଼ି ଆସିଲା ସାବଧାନତାରେ ଲୁହାର ପାହାଚତକ ଡେଇଁ । ପଦୁଅଁ ପାଖୁଡ଼ା ପରି ହାତଟି ତା'ର ଲମ୍ବି ଆସୁଛି କୋଳେଇନବାକୁ ତାକୁ''

......

ସିଏ ବି ତ ମିନୁର ଫେରିବା ବାଟକୁ ଚାହିଁ ବସିଥାଏ । ଲାଞ୍ଜ ହଲେଇ ଦଉଡ଼ିଯାଇ ଚାଟି ପକାଏ ପାଦହାତକୁ । ଉପରେ ଚଢ଼େ । ଢେର୍ ବେଳଯାଏ ସରେନି ଦୁହିଙ୍କ ଖେଳ । ମା' ସେପଟୁ ଡାକ ପକେଇଲେ ଯାଇ ଦିହେଁ ବୁଝିଯାନ୍ତି । ଆଖିରେ ଠରାଠରି ହସାହସି ହୁଅନ୍ତି । ଖାଇବା ଜାଗାରେ ମିଶିକି ଦିହେଁ ଖାଆନ୍ତି ଯେଝା ଯେଝା ଗିନାରେ । ତା'ର କ୍ଷୀର, ଗାଜର, ସବୁଜ ପତର ଆଉ ମିନୁର ଖିରି ଗିନା । ମିଶିକି ଖାଆନ୍ତି ।''

ମିନୁ ତାକୁ ଶିଖାଏ ''ଖା, ନେ, ତଳେ ପକାନି, ଆ । ଜାଣିଛୁନା ମୁଁ ତତେ ସ୍କୁଲ୍‌ରେ କେତେ ଖୋଜୁଥିଲି । ତୁ ମତେ ଖୋଜୁଥିଲୁ କି ନାଇଁ କହ ତ ।'' ସ୍କୁଲ୍‌ରୁ ଶିଖିଛି । ମା' ବି କହିଛି ବାଣ୍ଟିକି ଖାଇଲେ ଖୁସି ବଢ଼େ । ମିଠା ଲାଗେ ମନକୁ । ଲାଞ୍ଜଟି ଅବିରତ ହଲୁଥାଏ ତା'ର । ଖୁସିର ପରିଚୟ । ଆନନ୍ଦର ପରିପ୍ରକାଶ ।

''ମାଇଁ ବେଷ୍ଟ ବାର୍ଥଡେ ଗିଫ୍ଟ'' ଲେଖା ରିବନଟି ତା' ବେକରେ ଝୁଲୁଥାଏ । ବାବା ତା'ର ଜଙ୍ଗଲ ବଡ଼ ଅଫିସର । ତାଙ୍କ କ୍ୱାଟର ବାହାର ପିଣ୍ଡାରେ ପାଇଥିଲେ ତାକୁ, ଦି' ଦିନ ଅପେକ୍ଷା ପରେ ବି ତା' ମା' ଫେରିଲାନି ତାକୁ ନବାକୁ ।

ଥିଲା କି ନାହିଁ କେଜାଣି ସେ । ରାତିରେ ତ ଢ଼ୋ ଓ.. ଓ.. ଶବ୍ଦଟେ ଶୁଭିଥିଲା । ଦୀପାବଳି ଥିଲା । ମା' କହେ ଜୀବମାନେ ବାଣ ଶବ୍ଦ ସହିପାରନ୍ତିନି । ସହିପାରେନି ତାଙ୍କ ଛାତି । ଧୁମ୍ ଢ଼ୋ । ତର୍କି ଗଲା ସେରୁ । ମା' ଉଠେଇ ଆଣିଲେ ଘର ଭିତରକୁ । ସେଇଦିନଠୁ ସିଏ ମିନୁର ବେଷ୍ଟ ଫ୍ରେଣ୍ଡ୍- ଜୀବନଧନ ।

ବାବା ତା'ର ବହୁତ ଜଙ୍ଗଲ ଦେଖିଛନ୍ତି । ସେ କୁହନ୍ତି, ''ସବୁ ପଶୁପକ୍ଷୀ, ଗଛଲତା ମାନେ ଖୁବ୍ ନିରୀହ, କୋମଳ, ଜୀବନ୍ତ । ତାଙ୍କୁ କେବଳ ଭଲ ପାଇବାକୁ ହୁଏ । ବାସ୍ । ସେମାନେ ଆପେ ଆପଣାର ହେଇଯାନ୍ତି ।''

ଭଲ ଲାଗେ ମିନୁକୁ ବାବାଙ୍କ କଥା । ସେ ଭାବେ ଭଲପାଇବା ବା କ'ଣ କଷ୍ଟ ଯେ ! ସମସ୍ତେ ତ ତାକୁ ବହୁତ ଭଲପାନ୍ତି । ସିଏ ବି ପାଇବ ।

ଓଠ ଫୁଲ ପରି ଫୁଟିଯାଏ । ସେ ଭଲପାଏ ସବୁ ଟିକି ଜୀବମାନଙ୍କୁ, ଯେମିତି ତା' ମା' ତାକୁ ଭଲପାଏ ଆକାଶେ ।

ଆଜି କିନ୍ତୁ ...

-ହାଉଁ କାଉଁ କାଉଁ ଉଁ ଉଁ ଉଁ ଶବ୍ଦରେ ସ୍ତବ୍ଧ ହେଇଗଲା ସବୁଆଡ଼ । ଖେଳୁ ଖେଳୁ ଦାଣ୍ଡକୁ ଦଉଡ଼ି ଯାଇଥିଲା ସେରୁ କେମିତି କେଜାଣି । ଚଢ଼ିଗଲା ସାଇକେଲ୍‌ଟେ ଠିକ୍ ତା ବାଁ ଗୋଡ଼ ଗଣ୍ଠିରେ ।

- ଆଁ ହାଁ ହାଁ ...... ଆଁଆଆଆ

ଚିଲଉଥିଲା ମିନୁ । ସତରେ ଯେମିତି ନିଜର ଗଣ୍ଠି ଫାଟିଯାଉଛି କଷ୍ଟରେ । କାଟେ ତ । ନିଜ ଭଲ ପାଇବାକୁ କାଟିଲେ କାଟିବନି ! ସିଏ ତେଣିକି ଯିଏ ହଉ ।

ଲୋକଟି କିନ୍ତୁ ଥରଟେ ପଛକୁ ଚାହିଁ ଚାଲିଗଲା ସତେଯେମିତି କିଛି ହେଇନି । କିଛି ବି ନୁହେଁ । ପଶୁଟେ ତ ଆଉ କ'ଣ କି ! ତା' ଜୀବନ କ'ଣ ଜୀବନ !

ମିନୁର ସବୁଜ ଫ୍ରକ୍‌ଟି ପୂରା ଲାଲ୍ ।

ତା'ର ଲାଞ୍ଜହଲା ବନ୍ଦ ।

ଦିହିଙ୍କ ଆଖିରେ ଲୁହ । ଖେଳ, ଦଉଡ଼ା, ଖୁସି ସବୁ ବନ୍ଦ ।

ମିନୁକୁ ଜ୍ୱର, ତାକୁ ବି । ଦି' ଦିନରୁ । ଦୁହିଙ୍କ ଅଲଗା ଡାକ୍ତର, ଅଲଗା ଔଷଧ । ଜ୍ୱରରେ ବାଉଳୁଛି ମିନୁ ତା' ବାବା କୋଳରେ ମୁଣ୍ଡ ରଖି । ''ସେ ଅଙ୍କଲ୍ ବି ଶିଖିବା କଥାନା ବାବା ଭଲପାଇବା ? କେବେ ଦଉଡ଼ିବ ମୋ ସେରୁ, ବାବା କୁହନା କୁହନା । ସିଏ ଭଲ ହେଇଯିବ ନା !''

ଅର୍ପଣ ଭାବୁଥିଲେ, ''ଅଳିଟିଏ । ଯାଚନାଟିଏ । ସମ୍ବେଦନଶୀଳ ମନଟିଏ ହୁଏତ ଯୋଡ଼ିଦେଇପାରନ୍ତା ତା ଆହତକ୍ଷମ ମନକୁ । ପିଲେ ତ କୋମଳକଳି ! ଦୀର୍ଘନିଃଶ୍ୱାସ ନେଲେ ସେ ।

ପଶୁ କାହାକୁ କହିବା ? କିଏ ପଶୁ ? ପ୍ରଶ୍ନଟିଏ । ଯିଏ ପଛରେ ରହିଗଲା ନା ଯିଏ ପଛକୁ ଚାହିଁଲାନି ସେ ? ?''

ମଥା ସାଉଁଳି କହିଲେ, ''ହଁ ରେ ମିନୁ, ଦେଖିବୁ ତୋ' ଠେକୁଆ ପୂରା ଭଲ ହେଇଯିବ ଏଇ ଚଟ୍ କି । ତୁ ଖାଲି ତାକୁ ଭଲ ପାଆ । ତା' ଯତ୍ନ ନେ ।''

ଖେଳୁଥିଲା ଶିଶୁ ମନଟି ଅନେକ ପ୍ରଶ୍ନରେ ଆଉଟୁ ପାଉଟୁ ହୋଇ ।

*- ପାନାଥୁର, ବାଙ୍ଗାଲୁର ମୋ: ୯୭୩୧୦୫୭୦୧୪*

## ସମ୍ପର୍କ

-ସୁବ୍ରତ କୁମାର ସେନାପତି

ଏଠି ଅନେକ ଶୋଷ
ଅନେକ ଅବସୋସ..
ଶଶ ପରି ଘୁମେଇ ପଡେନା ମଣିଷ ;
ସୋରିଷ ପରି କିନ୍ତୁ ଗଳି ପଡୁଥାଏ ସମ୍ପର୍କର ଆୟୁଷ
ଛଳନାର ଶସ୍ତା ପିଆଲାରେ
ବିକ୍ରି ହେଉଥାଏ ଭଲପାଇବାର ପୀୟୁଷ ।।

ମିଳେନା କାହା ଆଶ୍ୱସନାର କୋମଳ ଉଶ୍ୱାସ
ଯେବେଯେବେ ସଂସାରେ ଆସୁଥାଏ ବତାସ
କାଠି ,କୁଟା, ପତର ପରି
ଭାସି ଯାଉଥାଏ ମଣିଷର ବିଶ୍ୱାସ ।।

କି ଜ୍ୟେଷ୍ଠ କି ପଉଷ
କୁଲୁପିମୟ ସମ୍ପର୍କେ
ଆଉ କି ଅଛି ଭଲ ପାଇବାର
ସେଇ ଉଷୁମ ପରଶ !!

*-ଖାରବେଳ ହଷ୍ଟେଲ,ଓୟୁଏଟି, ଭୁବନେଶ୍ୱର*
*ମୋ: ୭୯୭୮୧୬୮୧୯୩*

## ଛାଇ

-ମହାଦେବ ପ୍ରଧାନ

ପଚାର ନାଁ
ଏକୁଟିଆପଣ କେମିତିକା ଚିଜ ? ?

ଏକୁଟିଆପଣ !!
ଗୋଟେ ଲଣ୍ଡା ବରଗଛରେ
ଓହଳିଥିବା ଝଙ୍କାଳିଆ ଛାଇ
ଯା' ତଳେ ମୁଁ କାହିଁକି
ସାମାନ୍ୟ ଦୂବଟେ ସୁଦ୍ଧା
କଅଁଳେ ନାହିଁ...

*-ଗାରୋଇ,ନାଉଗାଁ,*
*ଜଗତସିଂହପୁର*
*ମୋ: ୮୨୪୯୫୧୬୭୬୫*




ଅନନ୍ୟା

# ସେହି ଦୁଇ ଘଣ୍ଟା..

ଚଙ୍କି ତନୟା ଅନନ୍ୟା ପାଣ୍ଡେ ସେହି ଦୁଇ ଘଣ୍ଟାକୁ ସବୁବେଳେ ମନେ ପକାଉଛନ୍ତି। କଥା କ'ଣ କି ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କୁ ସାଇନ୍ କରାଇବାକୁ ଯାଇଥିଲେ। ଫିଲ୍ମଟିର କାହାଣୀ ଏବଂ ସେଥିରେ ନିଜ ଭୂମିକା ବିଷୟରେ ଜାଣିବା ପରେ ସେ ଖୁସି ହୋଇ ଯାଇଥିଲେ। ହେଲେ ହଠାତ କ'ଣ ହେଲା କେଜାଣି ସେ ଗମ୍ଭୀର ହୋଇଗଲେ। ଏପରିକି ତାଙ୍କର ଆଖି ଛଳଛଳ ହୋଇଗଲା। ଏହାଦେଖି ସେଠାରେ ଉପସ୍ଥିତ ଚଙ୍କି ଏବଂ ପ୍ରଯୋଜକ କିଛି ବୁଝି ପାରି ନ ଥିଲେ। ଏ ସମ୍ପର୍କରେ ଅନନ୍ୟା କହନ୍ତି, 'ଏହାର କାହାଣୀ ଜଣେ ଗାଉଁଲୀ ନାରୀ ଜୀବନୀକୁ ନେଇ ଆଧାରିତ। ସେହି ନାରୀର ଝିଅ ଭୂମିକାରେ ମୁଁ ଅଭିନୟ କରିବି। କାହାଣୀ ଅନୁସାରେ ଗାଁ ପାଣିପବନରେ ବଢ଼ି ଆସିଥିବା ଏହି ଝିଅ ନିଜର ବୁଦ୍ଧି ବଳରେ କିପରି ନିଜ ଗ୍ରାମକୁ ଏକ ବଡ ବିପଦରୁ ରକ୍ଷା କରୁଛି ତାହା ଫିଲ୍ମରେ ଦେଖିବାକୁ ମିଳିବ। ହେଲେ ନିଜ ଜୀବନର ଗତିପଥରେ ସେ ଠିକ୍ ସମୟରେ ନିଜ ମା'ଙ୍କୁ ହରାଉଛି। ବାସ୍, ଏହି କଥା ଯେତେବେଳେ ମୋ ମନରେ ଆନ୍ଦୋଳିତ ହେଲା, ସେତେବେଳେ ମୁଁ ନିଜକୁ ନିୟନ୍ତ୍ରଣରେ ରଖିପାରିଲି ନାହିଁ। ମୁଁ ହଠାତ୍ ଇମୋଶନାଲ ହୋଇଗଲି। ପ୍ରକୃତ ଅବସ୍ଥାକୁ ଫେରି ଆସିବାକୁ ମୋତେ ପାଖାପାଖି ଦୁଇ ଘଣ୍ଟା ଲାଗିଯାଇଥିଲା। ତେବେ ଏହି ନୂଆ ଫିଲ୍ମର ଟାଇଟଲ ଏବଂ ଅବଶିଷ୍ଟ କାଷ୍ଟିଂ ଫାଇନାଲ ହୋଇନାହିଁ। ଅନନ୍ୟା ଚକୋଲେଟ୍ ଏବଂ ପିଜା ଖାଇବାକୁ ଭଲ ପାଇଥାଆନ୍ତି। ହଲିଉଡ୍‌ରେ ଲିଓନାର୍ଡୋ ଡି' କାପ୍ରିଓ ହେଉଛନ୍ତି ତାଙ୍କର ମନ ପସନ୍ଦର ଅଭିନେତା।

# ଅବସର ମିଳିଲେ..

କଥାରେ ଅଛି ବସିବା ଠାରୁ କାଶିବା ଭଲ। ତେଣୁ ଘରେ ବସି ବସି କାହିଁକି ବା ବୋର୍ ହେବେ, ତେଣୁ ଅର୍ଜୁନ କପୁରଙ୍କ ମୁଣ୍ଡକୁ ଏକ ଆଇଡିଆ ଜୁଟିଛି। ଏବେ ସେ ପ୍ରତିଦିନ କିଛି ସମୟ ଗୋଟିଏ କାମରେ ନିଜକୁ ନିୟୋଜିତ ରଖୁଛନ୍ତି। ନିଜ ଘର ସାମନାରେ ସେ ଏକ ଗାର୍ଡେନ ତିଆରି କରିଛନ୍ତି। ଯେହେତୁ ଏବେ କିଛି ସପ୍ତାହ ତାଙ୍କୁ ଘରେ ରହିବାକୁ ପଡିବ, ତେଣୁ ସେ ପ୍ରତିଦିନ ଏହି ଗାର୍ଡେନର ଯତ୍ନ ନେଉଛନ୍ତି। ପୁରୁଣା ଗଛଗୁଡିକର ଯତ୍ନ ଦେବା ସହ ନୂଆ ଗଛ ଲଗାଉଛନ୍ତି। ଆଉ ଏକ କଥାରେ ତାଙ୍କର ଟାଇମ ପାସ୍ ହେଉଛି ତାହା ହେଲା ବିଲେଇ ପାଳିବା। ସେ କିଛି ବିଲେଇ ପାଳିଛନ୍ତି। ସେମାନଙ୍କୁ ନିଜେ ଖାଇବାକୁ ଦେବା ସହ ସେମାନଙ୍କ ସହ ଖେଳୁଛନ୍ତି। ଏ ବିଷୟରେ ଅର୍ଜୁନ କହନ୍ତି, 'ପିଲାଟି ଦିନରୁ ମୋର ଗାର୍ଡେନିଂ ପ୍ରତି ସଉକ ଥିଲା। କିନ୍ତୁ ପାଠପଢ଼ା ଏବଂ ବଲିଉଡ୍‌ରେ ବ୍ୟସ୍ତ ରହିବାରୁ ସେଥିପାଇଁ ସମୟ ଦେଇପାରୁ ନ ଥିଲି। ହେଲେ ଏବେ ମୁଁ ପ୍ରତିଦିନ କିଛି ସମୟରେ ବଗିଚା କାମରେ ନିଜକୁ ନିୟୋଜିତ ରଖୁଛି। ନୂଆ ଫୁଲ ଗଛ ଲଗାଇବା ବ୍ୟତୀତ ପୁରୁଣା ଗଛର ଯତ୍ନ ନେଉଛି।' କେବଳ ସେତିକି ନୁହେଁ, ନିଜ ଗାର୍ଡେନରେ ସେ ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇ ସେଗୁଡିକୁ ଆଲବମ୍‌ରେ ସାଇତି ରଖୁଛନ୍ତି। ଅନ୍ୟପକ୍ଷରେ ଏବେ ଅର୍ଜୁନଙ୍କ ହାତରେ ଦୁଇଟି ନୂଆ ଅଫର ରହିଛି। ତେବେ ଏହି ଦୁଇଟି ଫିଲ୍ମରେ ସେ ଅଭିନୟ କରିବେ କି ନାହିଁ ନିଷ୍ପତ୍ତି ନେବା ପାଇଁ ସେ କିଛି ଦିନ ସମୟ ନେଇଛନ୍ତି।


ଅର୍ଜୁନ

# ଜାହ୍ନବୀ ଯାହା ଖୋଜୁଥିଲେ..

ଜାହ୍ନବୀ କପୁରଙ୍କ ଖୁସି ଏବେ କହିଲେ ନ ସରେ। ହେଲେ ସେ କାହିଁକି ଏମିତି ଖୁସିରେ ଉଛୁଳୁଛନ୍ତି ଜାଣିବେନି ? କଥା କ'ଣ କି ସେ ଯେପରି ଏକ ଦାମୀ ଫ୍ଲାଟ୍ ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ନିକଟରେ ଜାହ୍ନବୀ ବାନ୍ଦ୍ରା ଅଞ୍ଚଳରେ ଏହି ଫ୍ଲାଟଟି ପାଇଛନ୍ତି। ଆଉ ଏଥିରେ ତାଙ୍କୁ କିଏ ସହାୟତା କରିଛନ୍ତି ଜାଣନ୍ତି ? କଙ୍ଗନା ରାଣାଓ୍ୱତ। ଏ ନେଇ ଜାହ୍ନବୀ କହନ୍ତି, 'ନିକଟରେ ମୁଁ ମୋର ମନ ପସନ୍ଦର ଫ୍ଲାଟଟିଏ କିଣିଛି। ଏହାପୂର୍ବରୁ ଏହାର ଇଣ୍ଟିରିୟର ଡିଜାଇନ୍‌ରେ କିଛି ପରିବର୍ତ୍ତନ କରିଥିଲି। ଅତ୍ୟାଧୁନିକ ଟେକ୍ନୋଲୋଜିରେ ନିର୍ମିତ ଏହି ଫ୍ଲାଟ୍‌ର ପ୍ରାଇସ୍ କେତେ ତାହା କହିବା ଠିକ୍ ହେବନି। କାରଣ ଏହାକୁ ମୋ ପାପା (ବୋନି କପୁର) ଗିଫ୍ଟ ଆକାରରେ ଦେଇଛନ୍ତି। ହେଲେ ଏପରି ଏକ ବିଳାସମୟ ଫ୍ଲାଟଟିଏ ଖୋଜିବାକୁ କଙ୍ଗନା ମୋତେ ବେଶ୍ ସାହାଯ୍ୟ କରିଥିଲେ।' ନିକଟରେ ଜାହ୍ନବୀଙ୍କ ଅଭିନୀତ ନୂଆ ସିନେମା 'ମିଲି'ର ସ୍କ୍ରିନିଂ ଅନୁଷ୍ଠିତ ହୋଇଥିଲା। ଏଥିରେ ତାଙ୍କ ଭୂମିକାକୁ ସିନେ ସମୀକ୍ଷକ ଭୂରି ଭୂରି ପ୍ରଶଂସା କରୁଛନ୍ତି। ଏହି ଫିଲ୍ମଟିକୁ ପ୍ରଯୋଜନା କରିଛନ୍ତି ବୋନି, ଆଉ ପ୍ରଥମ ଥର ପାଇଁ ଜାହ୍ନବୀ ନିଜ ହୋମ ବ୍ୟାନରରେ ପ୍ରସ୍ତୁତ ଫିଲ୍ମରେ ଅଭିନୟ କରିଛନ୍ତି। ତେବେ ଉକ୍ତ ସିନେମା ବକ୍ସ ଅଫିସରେ କି କମାଲ କରୁଛି ତାହା ଦେଖିବାକୁ ବାକି ରହିଲା।

# ଯୋଜନା କରୁଛନ୍ତି ପରିଣିତି

ପରିଣିତି ଚୋପ୍ରାଙ୍କର ଏବେ ଗୋଟିଏ ଜିନିଷ ଆଡକୁ ମନ ଢଳିଛି। ତାହା କ'ଣ ଜାଣନ୍ତି ? ବର୍ତ୍ତମାନ ସେ ଏକ ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ କରିବା ପାଇଁ ଯୋଜନା କରୁଛନ୍ତି। କେବଳ ସେତିକି ନୁହେଁ, ଏଥିଲାଗି ଆନୁସଙ୍ଗିକ କାମ ମଧ୍ୟ ଆରମ୍ଭ କରିଦେଇଛନ୍ତି। ନିଜର ଏଭଳି ଯୋଜନା ସମ୍ପର୍କରେ ପରିଣିତି କହନ୍ତି, 'ଚିତ୍ରକଳା ପ୍ରତି ମୋର ପିଲାଟି ଦିନରୁ ଆଗ୍ରହ ଥିଲା। ସ୍କୁଲରେ ଆୟୋଜିତ ଚିତ୍ରକଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ମୁଁ ପୁରସ୍କୃତ ମଧ୍ୟ ହୋଇଛି। ମୋର ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀରେ ମୋ ନିଜର ଚିତ୍ରକଳା ବ୍ୟତୀତ ଅନ୍ୟ ଚିତ୍ରକର ଆଙ୍କିଥିବା ଚିତ୍ରଗୁଡିକ ମଧ୍ୟ ପ୍ରଦର୍ଶିତ ହେବ। ବିଶେଷଭାବରେ ଛୋଟ ପିଲାମାନଙ୍କୁ ଏଥିପାଇଁ ଆକର୍ଷିତ କରିବା ଲାଗି ଏକ ଓ୍ୱାର୍କସପ୍‌ର ଆୟୋଜନ ମଧ୍ୟ କରାଯିବ।' ଅନ୍ୟପକ୍ଷରେ ପରିଣିତି ନିଜ କ୍ୟାରିୟରକୁ ନେଇ ମଧ୍ୟ ବ୍ୟସ୍ତ ଅଛନ୍ତି। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ସେ ଏକାଧାରରେ ବିଜନେସ୍, ଫାଇନାନ୍ସ ଏବଂ ଇକୋନୋମିକ୍ସରେ ଡିଗ୍ରୀ ହାସଲ କରିଥିଲେ। ପରିଣିତିଙ୍କ ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୧ରେ ଆଉ ଫିଲ୍ମଟି ଥିଲା 'ଲେଡିଜ୍ ଭର୍ସେସ ରିକି ବହଲ'। ତାଙ୍କର ଆଗାମୀ ଦୁଇଟି ସିନେମାର ଟାଇଟଲ ରହିଛି 'ଉଞ୍ଚାଇ' ଏବଂ 'କ୍ୟାପସୁଲ ଗିଲ୍'।


ପରିଣିତି


ଜାହ୍ନବୀ

# ସତ ହେଲା ଆକଳନ

କ୍ୟାଟ୍ରିନା କୈଫଙ୍କ ଅଭିନୀତ ହରର-କମେଡି ଫିଲ୍ମ 'ଫୋନ୍ ଭୂତ' ନିକଟରେ ରିଲିଜ ହୋଇଛି। ଯଦିଓ ଏହି ସମୟରେ 'ଡବଲ ଏକ୍ସଏଲ' ଏବଂ 'ମିଲି' ମଧ୍ୟ ପରଦା ଉପରକୁ ଆସିଛି, ହେଲେ ତୁଳନାତ୍ମକ ଦୃଷ୍ଟିକୋଣରୁ 'ଫୋନ୍ ଭୂତ' ଭଲ ବିଜନେସ୍ କରିଛି। ଏକଥା ଜାଣିବା ପରେ କ୍ୟାଟ୍ରିନାଙ୍କ ଖୁସି କହିଲେ ନ ସରେ। ଏ ନେଇ ସେ କହନ୍ତି, 'ଯେତେବେଳେ ଏହି ଫିଲ୍ମର ଶୁଟିଂ ଚାଲିଥିଲା ସେତେବେଳେ ଫିଲ୍ମଟିକୁ ଦର୍ଶକ ନିଶ୍ଚୟ ପସନ୍ଦ କରିବେ ବୋଲି ମୁଁ କହିଥିଲି। କିନ୍ତୁ ମୋର ଏହି କଥାକୁ ନିର୍ଦ୍ଦେଶକ ଗୁରମିତ ସିଂ ଗୁରୁତ୍ୱ ଦେଇ ନ ଥିଲେ। ହେଲେ ଏବେ ମୋର ସେହି ଆକଳନ ସତ ହୋଇଛି। ଏହି ଫିଲ୍ମଟିକୁ ଦର୍ଶକ ଗ୍ରହଣ କରୁଛନ୍ତି ଏବଂ ବକ୍ସ ଅଫିସରେ ଭଲ ବିଜନେସ୍ କରିବ ବୋଲି ବି ଆଶା କରାଯାଉଛି। ଏଥିରେ ମୁଁ ଜଣେ ଭୁତୁଣୀ ଭୂମିକାରେ ଅଭିନୟ କରିଛି। ଆଉ ଏକ ସିନେମା ରିଲିଜକୁ ମୁଁ ଉତ୍ସୁକତାର ସହ ଅପେକ୍ଷା କରିଛି। ତାହା ହେଲା 'ଜି ଲେ ଜରା'। ଏଥିରେ ମୋ ବ୍ୟତୀତ ପ୍ରିୟଙ୍କା ଚୋପ୍ରା, ଆଲିୟା ଭଟ୍ଟ ମଧ୍ୟ ଅଭିନୟ କରିଛନ୍ତି। ଫରହାନ ଅଖତରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି' ଆସନ୍ତାବର୍ଷ ରିଲିଜ ହେବ।' ଅନ୍ୟପକ୍ଷରେ କ୍ୟାଟ୍ରିନାଙ୍କ ଅଭିନୀତ ଦୁଇଟି ସିନେମା 'ମେରି ଖ୍ରୀଷ୍ଟମାସ' ଏବଂ 'ଟାଇଗର-୩' ରିଲିଜ୍ ଅପେକ୍ଷାରେ ରହିଛି।


କ୍ୟାଟ୍ରିନା


ଦେବାନନ୍ଦ-ସିଦ୍ଧାନ୍ତ

# ଶଙ୍କର

ନୂଆ ଓଡ଼ିଆ ସିନେମା 'ଶଙ୍କର' ରିଲିଜ ଅପେକ୍ଷାରେ ରହିଛି। ଏସ୍.ଡି. ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଏହି ଚିତ୍ରର କାହାଣୀ ଏକ ଭିନ୍ନ ଧରଣର ବିଷୟବସ୍ତୁକୁ ନେଇ ଆଧାରିତ। ଏହାର ଟାଇଟଲ ଭୂମିକାରେ ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କୁ ଦେଖିବାକୁ ମିଳିବ। ତା'ସହ ଏହି ଫିଲ୍ମରୁ ନବାଗତ ଦେବାନନ୍ଦ ତାଙ୍କର ଓଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଦିବ୍ୟାଶା। ସାବତ ପୁଅ ହେଲେ ମଧ୍ୟ ଏକ ପରିବାରକୁ ସେ କିପରି ସାହା ହେଉଛି ତାହାକୁ ନେଇ କାହାଣୀ ଗତିଶୀଳ। ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ଅରବିନ୍ଦ ସାହୁ। ଅନ୍ୟପକ୍ଷରେ ପୂର୍ବରୁ ପରଦା ଉପରକୁ ଆସିଥିବା ଓଡ଼ିଆ ସିନେମା 'ଏ ମନ ମାନେନା', 'ଆରେ ସାଥୀ ଆ', 'ମୁନ୍ନା-ଏ ଲଭ୍ ଷ୍ଟୋରି' ଏବଂ 'ମନେ ମନେ ମନ ଖୋଜୁଥିଲା'ର ନିର୍ଦ୍ଦେଶକ ଏନ୍. ପାଢ଼ୀ ଚିତ୍ରଟିର କାହାଣୀ ଏବଂ ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ସିଭ, ସୁପ୍ରିୟା, କୁନା ତ୍ରିପାଠୀ, କେକେ, ବିଜୁ ବଡ଼ଜେନା, କାଳୀ, ଦୀପ୍ତିରେଖା ପଣ୍ଡା, ନୂପୁର ଘୋଷ, ସୁଶାନ୍ତ, ଡା. ଅନନ୍ତ ଆଚାର୍ଯ୍ୟ ଓ ମିତା ଚକ୍ରବର୍ତ୍ତୀଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ମନୋରଞ୍ଜନ ଦାସ ସଂଳାପ ରଚନା କରିଥିବା ବେଳେ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ବୈଦ୍ୟନାଥ ଦାଶ।

ପ୍ରଥମ ରୋଜଗାର



ସାହିତ୍ୟିକ **ଶିବ ସୁନ୍ଦର ପାଣିଗ୍ରାହୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ନନାଙ୍କୁ ଦେଇଥିଲି ପ୍ରଥମ ଦରମା ଟଙ୍କା

ଦୁଇ ହଜାର ତିନି ଅକ୍ଟୋବର ମାସର କଥା। ତାରିଖ ଅବଶ୍ୟ ଠିକ୍‌ସେ ମନେପଡୁନି କିନ୍ତୁ ସେଦିନ ସୋମବାର ଥିବା ଯୋଗୁ ସାଙ୍ଗମାନଙ୍କ ସହ ମୁଁ ଶିବ ମନ୍ଦିରକୁ ଯାଇଥାଏ। କୃତିତ୍ୱର ସହ ରସାୟନ ବିଜ୍ଞାନରେ ସ୍ନାତକୋତ୍ତର ଉତ୍ତୀର୍ଣ୍ଣ ପରେ ଅନେକ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି ହେଉଥାଏ। ନିଜ ସାମର୍ଥ୍ୟ ବଳରେ କିଛି ଗୋଟେ କରିପାରିବାର ଦୃଢ଼ ଆତ୍ମପ୍ରତ୍ୟୟକୁ ଭରସି ବାଟ ଚାଲୁଥାଏ ଅନେକ ଆଶା ଓ ଆଶଙ୍କାକୁ କୋଳେଇ ନେଇ। ମନ୍ଦିର ଫେରନ୍ତା ବାଟରେ ହଠାତ୍ ଆଶ୍ଚର୍ଯ୍ୟ କଲାଭଳି ଚିହ୍ନା ପୋଷ୍ଟମ୍ୟାନ୍ ଜଣକ ମୋତେ ଡାକି ମୋ' ହାତକୁ ବଢ଼ାଇ ଦେଇଥିଲେ ଧଳା ଲଫାପାଟିଏ। ଲଫାପାଟିକୁ ଦେଖିସାରି ଖୋଲିବା ବେଳକୁ ଆଷାଢ଼ର ମାଟିଗନ୍ଧ ପରି ମୋତେ ମହକିତ କରିସାରିଥିଲା କ୍ଷୀଣ ଅଥଚ ନିବିଡ଼ ଆଶ୍ୱସ୍ତିର ମୁଗ୍ଧ ଶିହରଣ। ନିଜ ଜିଲା ରାୟଗଡ଼ରେ ଓ ଘର ପଦ୍ମପୁରଠାରୁ ପ୍ରାୟ ୭୦ କି.ମି ଦୂରରେ ଅବସ୍ଥିତ ଗୋଟେ ସୁପ୍ରତିଷ୍ଠିତ ବେସରକାରୀ ଶିକ୍ଷାଳାର ନିଯୁକ୍ତିପତ୍ର ମୋତେ କୌଣସି ଗୁଣରେ ନ୍ୟୂନ କି ସାମାନ୍ୟ ମନେହେଲା ନାହିଁ ବରଂ ମୋ' ପାଠ ସହ ସଂଶ୍ଳିଷ୍ଟ କର୍ମନିଯୁକ୍ତି ମୋତେ ସତେଜତା ଓ ପ୍ରସନ୍ନତାରେ ଭରିଦେଲା। ରସାୟନବିତ୍ ପଦବୀରେ ଆରମ୍ଭ ହେଲା ମୋ' ଚାକିରି ଜୀବନ। ପ୍ରଥମେ ତିନି ହଜାର ପାଞ୍ଚଶହ ପରେ ଚାରି ହଜାର ଟଙ୍କାର ଷ୍ଟାଇପେଣ୍ଡରେ ଦୁଇବର୍ଷର ଟ୍ରେନିଂ ଓ ତା'ପରେ ସ୍ଥାୟୀ ନିଯୁକ୍ତି। ପ୍ରତି ସପ୍ତାହରେ ଶନିବାର ଅଫିସ ପରେ ସନ୍ଧ୍ୟାରେ ବସ୍ ଯୋଗେ ଘରକୁ ଫେରୁଥିଲି ଓ ସୋମବାର ସକାଳେ ପୁଣି ବାହୁଡୁଥିଲି କର୍ମକ୍ଷେତ୍ରକୁ। ଏବେ ବି ମନେପଡ଼େ ମୋ' ପ୍ରଥମ ଦରମା କଥା। ସବୁ କଟାକଟି ପରେ ପ୍ରଥମ ମାସରେ ଦୁଇ ହଜାର ସାତଶହ ଟଙ୍କାର ଚେକ୍ ପାଇବା ବେଳକୁ ଭିନ୍ନ ଏକ ଆତ୍ମତୃପ୍ତିର ଉଲ୍ଲାସରେ ମୁଁ ପ୍ରାୟ ଶିହରିତ ହୋଇଉଠିଥିଲି। ସହର୍ଷେ ଚେକ୍‌ଟିକୁ ନେଇ ମୁଁ ରହୁଥିବା ହଷ୍ଟେଲ ସନ୍ନିକଟ ଷ୍ଟେଟ୍‌ବ୍ୟାଙ୍କରେ ଖାତାଟିଏ ଖୋଲିଥିଲି ସେତେବେଳେ। ସେଥର ଘରକୁ ଫେରିଲାବେଳେ କିଲେ ମିଠା ବ୍ୟତୀତ ଆଉ ଅଧିକ କିଛି ନେଇପାରି ନ ଥିଲି। ଘରେ ପହଞ୍ଚିଲା ବେଳକୁ ସବୁଥର ପରି ନୀରବ ନିର୍ବିକାର ଭାବେ ନନା ବସିଥାନ୍ତି ଆମ ଦାଣ୍ଡ ଅଗଣା ନିକଟ ପାହାଚରେ। ଯେମିତି ସେ ବସିଥାନ୍ତି ପ୍ରତି ଶନିବାର ରାତିରେ କେବଳ ମୋରି ଅପେକ୍ଷାରେ। ଚୁପଚାପ୍ ତାଙ୍କ ନିକଟକୁ ଯାଇ ପାଦ ଛୁଇଁ ପ୍ରଣାମ କଲି। ମୋତେ ଦେଖି ସୁନ୍ଦର ଏକ ଚନ୍ଦ୍ରୋଦୟ ଭଳି ନନାଙ୍କ ମୁହଁରେ ପ୍ରସନ୍ନତାର ଚମକ ମୋତେ ଏକ ପ୍ରୀତିପୂର୍ଣ୍ଣ ଓ ଭକ୍ତିପୂର୍ଣ୍ଣ ଆବେଗରେ ମୁଗ୍ଧ କଲା। ମୁଁ ଅବଶ୍ୟ ଲକ୍ଷ୍ୟ କରିଥିଲି ମୁଁ ଚାକିରି ପାଇବା ପରେ ନନାଙ୍କ ପରିବର୍ତ୍ତିତ ମାନସିକ ସ୍ଥିତିକୁ। ତାଙ୍କ ଭିତରେ ଅସମ୍ଭବ ଖୁସିର ବୀଜ ରୋପଣ କରିପାରିଛି ବୋଲି ମୁଁ ନିଜକୁ ବେଳେବେଳେ ଧନ୍ୟ ମନେ କରୁଥାଏ। ଏତିକି ବେଳକୁ ହୁଏତ ମୁଁ ନିଜକୁ ସମ୍ଭାଳି ପାରି ନ ଥିଲି। ଏକ ଅବ୍ୟକ୍ତ ଉତ୍ସାହରେ ଧରିଯାଇଥିବା ସବୁତକ ଟଙ୍କା ପକେଟ୍‌ରୁ ବାହାର କରି ଚୁପଚାପ୍ ବଢ଼େଇଦେଲି ନନାଙ୍କ ଉଦ୍ଦେଶ୍ୟରେ। ସେ ସେମିତି ଚାହିଁ ରହିଥାନ୍ତି ମୋତେ ଏକ ଅବିଶ୍ୱସନୀୟ ନୟନରେ। ସେ କିଛି ପଚାରିବା ଆଗରୁ ମୁଁ କହିଥିଲି ମୋ' ପ୍ରଥମ ଦରମା କଥା। ମୁଁ ଦେଖୁଥିଲି ତାଙ୍କ ଆଖିର ନିୟନ୍ତ୍ରଣରହିତ ବିହ୍ୱଳତା ଓ ତହିଁରୁ ନିଗିଡ଼ି ପଡୁଥିବା ଦୁଇଟୋପା ଆନନ୍ଦର ମୁକ୍ତାବିନ୍ଦୁ। ଅତି ଆଦରରେ ନନା କୁଣ୍ଢେଇ ପକାଇଲେ ମୋତେ। ନନାଙ୍କ ଝାଳୁଆ ଦେହରେ ଜଡ଼େଇ ରହିବା ବେଳକୁ ମୋ ଭିତରେ ସଂଚରି ଯାଉଥିଲା ଦିଗନ୍ତବ୍ୟାପୀ ଖୁସିର ପ୍ଲାବନ। କେବେ ଭୋଗି ନ ଥିବା ତୃପ୍ତିର ଆନନ୍ଦ କ୍ରମଶଃ ବ୍ୟାପକ ଓ ବିପୁଳ ହୋଇପଡୁଥିଲା ମୋ ଆଭ୍ୟନ୍ତରରେ।

# ଶୀତରେ ଲେଖୁଛି ପ୍ରେମର ଗୀତ, କେବେ ଆସିବ ମୋ ମନର ମିତ

ସାଥୀ

**ପ୍ରଶ୍ନ–** ଜଣେ ସୁନ୍ଦରୀ ମନ ସହ ମୋ ମନ ମିଶି ଯାଇଛି। ଏହି ସିଜିନ୍‌ରେ ତା' ପାଇଁ ଗୋଟିଏ ଗୀତ ଲେଖୁଛି। ତାକୁ ସେ ଗ୍ରହଣ କରିବ କି ନାହିଁ ଜାଣିପାରୁନାହିଁ?

*–ତପନ ପୁହାଣ, ଢେଙ୍କାନାଳ*

**ଉତ୍ତର :** ସେହି ସୁନ୍ଦରୀ ମନ ସହ ଆପଣଙ୍କ ମନ ମିଶିଯାଇଛି। ଯଦି ଏହା ସତ ତେବେ ଆଗକୁ ମାଡି ଯିବାରେ ଅସୁବିଧା ହେଉଛି କି ? ଏହି ସମୟରେ ଯଦି ଆଗପଛ ହେବେ ତେବେ ଚାନ୍ସଟା ହାତରୁ ଖସିଯାଇପାରେ। ପୁଣି ନିଜ ମନର ମାନସୀ ପାଇଁ ଯେଉଁ ଗୀତଟି ଲେଖୁଛନ୍ତି ତାହା ତ ନିଶ୍ଚୟ ପ୍ରେମକୁ ଆଧାର କରି ହୋଇଥିବ। 'ଶୀତରେ ଲେଖୁଛି ପ୍ରେମର ଗୀତ, କେବେ ଆସିବ ମୋ ମନର ମିତ'। ବାସ୍, ସେହି ଗୀତକୁ ସ୍ୱର କରି ପ୍ରେମିକାକୁ ଶୁଣାଇ ଦିଅନ୍ତୁ। ଯଦି ଗୀତର ସ୍ୱର, ତାଳ, ଲୟ ଠିକ୍ ରହିଲା ତେବେ ଆପଣଙ୍କ ପ୍ରେମର ଗାଡି ଆଉ ଦୁଇ ପାଦ ଆଗକୁ ଆଗେଇ ଯିବ।

**ପ୍ରଶ୍ନ–** ଝିଅଙ୍କ ନଖରାମିରେ ପ୍ରେମ ଲୁଚି ରହିଥାଏ କି ?

*–ଜିତେନ୍ଦ୍ର ପ୍ରହରାଜ, ପୁରୀ*

**ଉତ୍ତର :** କେତେକ ସୁନ୍ଦରୀ ପ୍ରେମର ଆରମ୍ଭରେ ନଖରାମି କରନ୍ତି। ହେଲେ ବେଳେବେଳେ ସେହି ନଖରାମିରେ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛରେ ଥିବା କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ମଜା ନିଅନ୍ତୁ।

**ପ୍ରଶ୍ନ–** ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ଏହା କ'ଣ ପ୍ରେମର ପ୍ରଥମ ସିଗ୍‌ନାଲ ବୋଲି ଧରିନେବି ?

*–ଦିବାକର ସାହୁ, କଟକ*

**ଉତ୍ତର :** ଆପଣଙ୍କ ଆଖି ସହ ତା' ଆଖି ମିଶିଲେ ଝିଅଟି ହସି ଦେଇ ଚାଲିଯାଉଛି। ଯଦି ସେହି ହସରେ ପ୍ରେମର ବାସ୍ନା ରହିଛି ତେବେ ଏପରି ସୁଯୋଗକୁ ଆଦୌ ହାତଛଡା କରନ୍ତୁ ନାହିଁ। ବେଳକାଳ ଦେଖି ଏମିତି ତୀର ମାରନ୍ତୁ ଯେ ଯେମିତି ଏକାଥରେ ସେ ସୁନ୍ଦରୀ ହୃଦୟରେ ଆପଣଙ୍କ ମନ ସବୁଦିନ ପାଇଁ ବସାଟିଏ ବାନ୍ଧି ପାରିବ।

**ପ୍ରଶ୍ନ–** ଥରେ ବସ୍‌ରେ ଯିବା ବେଳେ ଜଣେ ଝିଅ ସହ ମୋର ଭେଟ ହେଲା। ସେହି ସମୟରେ ମୁଁ ତା' ପ୍ରେମରେ ପଡିଯାଇଥିଲି। ହେଲେ ପରେ ଜାଣିଲା ବେଳକୁ ସେ ମୋ'ଠାରୁ ବୟସରେ ବଡ। ଏବେ କ'ଣ କରିବି ଜାଣିପାରୁନି?

*–ଅମିତ କୁମାର, ବ୍ରହ୍ମପୁର*

**ଉତ୍ତର :** ପ୍ରେମର ପ୍ରତି କ୍ଷେତ୍ରରେ ରିସ୍କ। ତେଣୁ ଦେଖିଚାହିଁ ପାଦ ପକାନ୍ତୁ। ନ ହେଲେ କେତେବେଳେ ଏହି ପ୍ରେମର ମୀନାରଟି ଭୁଷୁଡ଼ି ପଡିବ ତାହା ଜାଣିପାରିବେ ନାହିଁ। ଯଦି ସେ ଝିଅ ବୟସରେ ବଡ ଆଉ ଆପଣଙ୍କ ସହ ସେ ପ୍ରେମ ସମ୍ପର୍କ ରଖିବାକୁ ଚାହୁଁଛି, ତେବେ ସେ ଆପଣଙ୍କଠାରୁ କେତେ ବଡ ତାହା ଜାଣି ନେବା ନିହାତି ଦରକାର। ନ ହେଲେ ବୟସର ତାରତମ୍ୟତା ଭବିଷ୍ୟତରେ ଟେନ୍‌ସନର କାରଣ ହୋଇ ଠିଆ ହେବ। ତେଣୁ ଭାବି ଚିନ୍ତି ଏ କ୍ଷେତ୍ରରେ ନିଷ୍ପତ୍ତି ନିଅନ୍ତୁ।



**ପ୍ରଶ୍ନ–** ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ସେ ଶୁଣି ହସି ଦେଉଛି। କ'ଣ କରିବି ?

*–ପ୍ରଭାତ ଦାସ, କେନ୍ଦ୍ରାପଡା*

**ଉତ୍ତର :** ପ୍ରଶ୍ନରୁ ଯାହା ଜଣାପଡୁଛି, ଏହି ପ୍ରେମରେ କେଉଁଠି କେଁ ରହିଯାଉଛି। ସେ ଝିଅ ଆପଣଙ୍କ କଥା ଶୁଣି ହସି ଦେଉଛି, ଏଥିରୁ ଅନୁମାନ କରିହେଉଛି ଯେ ଦୁଇ ପଟରୁ ଗ୍ରୀନ୍ ସିଗନାଲ ରହିଛି। କିନ୍ତୁ ଆପଣଙ୍କ ପ୍ରେମର ଗାଡି ଗୋଟିଏ ଜାଗାରେ ଠିଆ ହୋଇଛି। ଯେତେଶୀଘ୍ର ତାହାର କାରଣ ଖୋଜନ୍ତୁ। ନ ହେଲେ ଦିନ ଆସିବ, ସେତିକି ପ୍ରେମ ସ୍ୱାଦହୀନ, ରଙ୍ଗହୀନ ହୋଇପଡିବ।





# ସେଲର୍ ପ୍ୟାଣ୍ଟ

**ମୁଖ୍ୟତଃ ଶୀତଦିନେ ହିଁ ସେଲର୍ ପ୍ୟାଣ୍ଟର ଚାହିଦା ବେଶ୍ ରହିଥାଏ। କାରଣ ଏହା ପିନ୍ଧିବାକୁ ଯେମିତି କମ୍ଫର୍ଟେବଲ୍ ସେମିତି ସ୍ମାର୍ଟ ଲୁକ୍ ବି ଦେଇଥାଏ। ସବୁଠୁ ବଡ଼ କଥା ହେଉଛି ଏହାକୁ ଉଭୟ ଫର୍ମାଲ୍ ତଥା କାଜୁଆଲ୍ ଆଉଟ୍‌ଫିଟ୍ ଭାବେ ଆରାମରେ କ୍ୟାରି କରିହୁଏ...**

ଉଇଣ୍ଟର ଫ୍ୟାଶନରେ ସେଲର୍ ପ୍ୟାଣ୍ଟ ଏକ ଜଣାଶୁଣା ନାଁ। ଏହା ପିନ୍ଧିବାକୁ ଯେମିତି କମ୍ଫର୍ଟେବଲ୍ ସେମିତି ସ୍ମାର୍ଟ ଲୁକ୍ ବି ଦେଇଥାଏ। ତା'ସହିତ ଗୋଡ଼କୁ ଶୀତଦାଉରୁ ମଧ୍ୟ ରକ୍ଷା କରିଥାଏ। ସବୁଠୁ ବଡ଼ କଥା ହେଉଛି ଏହି ଷ୍ଟାଇଲ୍‌ର ପ୍ୟାଣ୍ଟକୁ ଉଭୟ ଫର୍ମାଲ୍ ଓ କାଜୁଆଲ୍ ଆଉଟ୍‌ଫିଟ୍ ଭାବେ କ୍ୟାରି କରିବାରେ ବହୁତ ସୁବିଧା ହୁଏ। ତେବେ ସେଲର୍ ପ୍ୟାଣ୍ଟର କ'ଣ ସବୁ ଲାଟେଷ୍ଟ ଡିଜାଇନ୍ ରହିଛି ଆସନ୍ତୁ ଜାଣିବା ସେ ସମ୍ପର୍କରେ...

**ଆନିମଲ୍ ପ୍ରିଣ୍ଟ:** ଆନିମଲ୍ ପ୍ରିଣ୍ଟର ଯେ କୌଣସି ଆଉଟ୍‌ଫିଟ୍ ଯୁବତୀଙ୍କୁ ସ୍ମାର୍ଟ ଲୁକ୍ ଦେଇଥାଏ। ଖାସ୍‌କରି ଏହି ପ୍ରିଣ୍ଟର ସେଲର୍ ପ୍ୟାଣ୍ଟ ପିନ୍ଧିବାକୁ ଯେମିତି କମ୍ଫର୍ଟେବଲ୍ ସେମିତି ଷ୍ଟାଇଲିଶ୍ ଲୁକ୍ ବି ଦିଏ। ତେବେ ଏମିତି କିଛି ଆନିମଲ୍ ପ୍ରିଣ୍ଟର ସେଲର୍ ପ୍ୟାଣ୍ଟ ବି ରହିଛି ଯାହାର ଅଣ୍ଟା ପାଖରେ ଚଉଡା ଟାଇଟ୍ ବେଲ୍ଟ ଲାଗିଥିବାବେଳେ ଆଉ କିଛି ପ୍ୟାଣ୍ଟରେ ପ୍ଲିଟ୍ ଷ୍ଟାଇଲ୍ ହୋଇଥାଏ, ଯାହାକୁ ମ୍ୟାଚିଂ ଶାର୍ଟ କିମ୍ବା ଟପ୍ସ ସହ ପିନ୍ଧି ଅଫିସ୍‌କୁ ବି ଯାଇହେବ।

**ପ୍ଲେନ୍ ସେଲର୍ ପ୍ୟାଣ୍ଟ:** ଶାଟିନ୍ କିମ୍ବା କ୍ରେପ୍ ଫ୍ୟାବ୍ରିକ୍‌ରେ ଆସୁଥିବା ପ୍ଲେନ୍ ସେଲର୍ ପ୍ୟାଣ୍ଟର ଚାହିଦା ଯୁବତୀଙ୍କ ମଧ୍ୟରେ ଅଧିକ ରହିଥାଏ। ଅନ୍ୟପକ୍ଷେ ୱାଇଡ୍ ଲେଗ୍ ଷ୍ଟାଇଲ୍‌ର ପ୍ଲେନ୍ ସେଲର୍ ପ୍ୟାଣ୍ଟ ବି ଯୁବତୀଙ୍କୁ ସୋବର୍ ଲୁକ୍ ଦେଇଥାଏ। ତେବେ ଏହି ଟାଇପ୍‌ର ସେଲର୍ ପ୍ୟାଣ୍ଟ ସାଙ୍ଗକୁ ଫ୍ରିଲ୍ ସ୍ଲିଭ୍ସ ୱିଣ୍ଟର୍ ଟପ୍ସ ବେଶ୍ ଭଲ ମାନିଥାଏ।

**କ୍ରପ୍ଡ ଷ୍ଟାଇଲ୍:** ଡେନିମ୍ ଲଭର୍ ଯୁବତୀମାନେ ଯଦି କିଛି ନୂଆ ଷ୍ଟାଇଲ୍‌ର ପ୍ୟାଣ୍ଟ ଟ୍ରାଏ କରିବାକୁ ଚାହୁଁଥାନ୍ତି, ତା'ହେଲେ କ୍ରପ୍ଡ ୱାଇଡ୍ ଲେଗ୍ ସେଲର୍ ପ୍ୟାଣ୍ଟ ସେମାନଙ୍କ ପାଇଁ ଏକ ଭଲ ଅପ୍ସନ ହୋଇପାରିବ। ତେବେ ଏହି ଷ୍ଟାଇଲ୍‌ର ସେଲର୍ ପ୍ୟାଣ୍ଟ ସାଙ୍ଗକୁ ଶ୍ରଗ୍ କିମ୍ବା ଜ୍ୟାକେଟ୍ ପିନ୍ଧିଲେ ଲୁକ୍ ବେଶ୍ ସ୍ମାର୍ଟ ଲାଗିବ।

**ଚେକ୍ ପ୍ରିଣ୍ଟ ଷ୍ଟାଇଲ୍:** ଏହି ପ୍ରିଣ୍ଟର ସେଲର୍ ପ୍ୟାଣ୍ଟ ଯୁବତୀଙ୍କୁ କାଜୁଆଲ୍ ଲୁକ୍ ଦେଇଥାଏ। ମୁଖ୍ୟତଃ ଶୀତଦିନେ ଏହି ଷ୍ଟାଇଲ୍‌ର ପ୍ୟାଣ୍ଟକୁ ଲେଦର୍ ଜ୍ୟାକେଟ୍ ସହ କ୍ୟାରି କଲେ ଟ୍ରେଣ୍ଡି ଲୁକ୍ ମିଳିଥାଏ। ଅନ୍ୟପକ୍ଷେ ବାଇକର୍ କିମ୍ବା ବମ୍ବର ଲେଦର୍ ଜ୍ୟାକେଟ୍ ସହିତ ବି ଚେକ୍ ପ୍ରିଣ୍ଟ ଥିବା ସେଲର୍ ପ୍ୟାଣ୍ଟ ଭଲ ମ୍ୟାଚ୍ କରିଥାଏ।

**ହାଇୱେଷ୍ଟ ପ୍ୟାଣ୍ଟ:** ହାଇୱେଷ୍ଟ ଥିବା ସେଲର୍ ପ୍ୟାଣ୍ଟ ପିନ୍ଧିବାକୁ ବେଶ୍ କମ୍ଫର୍ଟେବଲ୍ ଲାଗିଥାଏ। ଆଉଟିଂରେ ଯିବାବେଳେ କାଜୁଆଲ୍ ୱେର୍ ଭାବେ ଏହାକୁ କ୍ୟାରି କରିବା ସହଜ ହୋଇଥାଏ। ତେବେ ଏହି ଷ୍ଟାଇଲ୍‌ର ପ୍ୟାଣ୍ଟ ସହ କଣ୍ଟ୍ରାଷ୍ଟ କଲର୍‌ର ଟପ୍ସ ବି ଭଲ ମାନିଥାଏ। ଷ୍ଟାଇଲିଶ୍ ଲୁକ୍ ପାଇଁ ଯୁବତୀ ଚାହିଁଲେ ଏହି ଟାଇପ୍‌ର ଆଉଟ୍‌ଫିଟ୍ ସାଙ୍ଗକୁ ଡିଜାଇନର ସ୍କାର୍ଫ ମଧ୍ୟ ବ୍ୟବହାର କରିପାରିବେ।







ପ୍ରିୟା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
**ଫଟୋ ସୌଜନ୍ୟ-କୁମାର ଶରତ, ଧରିତ୍ରୀ**

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ଗୀତ

ପିଣ୍ଟୁ ମୁନାକୁ: ଗୋଟେ ଝିଟିପିଟି ଏକ ସୁନ୍ଦର ଗୀତ ଗାଇଲା। ତାକୁ ଶୁଣି ଅନ୍ୟ ଦୁଇ ଝିଟିପିଟି ତଳକୁ ଖସି ପଡିଲେ। କହିଲୁ ଦେଖି ସେ ଦୁଇଜଣ କ'ଣ ପାଇଁ ପଡିଗଲେ ?

ମୁନା: ମୁଁ କେମିତି ଜାଣିବି ?

ପିଣ୍ଟୁ: ଏତିକି ଜାଣିପାରୁନୁ ? ଆରେ ସେ ଦୁଇ ଝିଟିପିଟି ସୁନ୍ଦର ଗୀତ ଶୁଣି ତାଳି ମାରିବାରୁ ତଳେ ପଡିଗଲେ।

## ଅଜଣା ନମ୍ବର

ମନୋଜ ପାଖକୁ ଦିନେ ଏକ ଅଜଣା ନମ୍ବରରୁ ଜଣେ ଯୁବତୀ କଲ୍ କରିଥାନ୍ତି: ହ୍ୟାଲୋ, ଆପଣ କ'ଣ ବିବାହିତ ?

ମନୋଜ କିଛି ସମୟ ଭାବିବା ପରେ: ହଁ, ହେଲେ ଆପଣ କିଏ ?

ଯୁବତୀ: ଧୋକେବାଜ୍ ମୁଁ ତୁମ ଗର୍ଲଫ୍ରେଣ୍ଡ କହୁଛି।

ମନୋଜ: ସରି, ମୁଁ ଭାବିଲି କିଏ ଜଣେ ମତେ ଚେକ୍ କରିବା ପାଇଁ ମଜା କରୁଛି। ମୁଁ ବିବାହିତ ନୁହେଁ, ପୂରାପୁରି ଅନ୍‌ମ୍ୟାରେଡ୍।

ଯୁବତୀ:ଆଚ୍ଛା ! ଅନ୍‌ମ୍ୟାରେଡ୍। ମୁଁ ତମ ସ୍ତ୍ରୀ କହୁଛି।

## ଦୂରଦୃଷ୍ଟି

କଞ୍ଜୁସ୍ ବାପାକୁ ପୁଅ: ବାପା ମୋ ଦୂରଦୃଷ୍ଟି ଖରାପ ହେଇଗଲାଣି। କିଛି ଟଙ୍କା ଦେଲ ଆଖି ଚେକ୍ କରେଇ ଚଷମା ତିଆରି କରେଇବି।

ବାପା ପୁଅକୁ ଛାତ ଉପରକୁ ନେଇ: କହିଲୁ ଦେଖି ଆକାଶରେ ତତେ କ'ଣ ଦେଖାଯାଉଛି ?

ପୁଅ: ସୁନ୍ଦର ଗୋଲ ଜହ୍ନ ଓ ଟିକି ଟିକି ତାରା।

ବାପା: ଏତେ ଦୂର ପର୍ଯ୍ୟନ୍ତ ତ ଦେଖାଯାଉଛି। ଆଉ କେତେ ଦୂର ଦେଖିବୁ ?


# ଐତିହାସିକ ସହର ଓର୍ଛା

**ମଧ୍ୟ ପ୍ରଦେଶର ନିୱାରୀ ଜିଲା ଅନ୍ତର୍ଗତ ଏକ ଐତିହାସିକ ସହର ହେଉଛି ଓର୍ଛା। ବ୍ୟବସାୟ, ବାଣିଜ୍ୟ ହେଉ ଅବା ଶିକ୍ଷାଦୀକ୍ଷା କ୍ଷେତ୍ରରେ ଏହି ସହରର ରହିଛି ବେଶ୍ ନାଁ। ଏପରିକି ପର୍ଯ୍ୟଟନ ଦୃଷ୍ଟିକୋଣରୁ ମଧ ଏହା କୌଣସି ଗୁଣରେ କମ୍ ନୁହେଁ। ସେଥିପାଇଁ ବର୍ଷକ ବାରମାସ ଏଠାରେ ପର୍ଯ୍ୟଟକଙ୍କର ଗହଳି ଦେଖିବାକୁ ମିଳେ...**





ମଧ୍ୟ ପ୍ରଦେଶର ଏକ ଐତିହାସିକ ସହର ଭାବେ ଓର୍ଛା ପରିଚିତ। ପର୍ଯ୍ୟଟନ ହେଉ ଅବା ଅର୍ଥନୀତି କିମ୍ବା ଶିକ୍ଷା ସବୁ କ୍ଷେତ୍ରରେ ଏହାର ନିଜସ୍ୱ ଏକ ପରିଚୟ ରହିଛି। ଇତିହାସ ପୃଷ୍ଠା ଲେଉଟାଇଲେ ଜଣାଯାଏ ଯେ ୧୫୩୧ ମସିହା ବେଳକୁ ରାଜପୁତ୍ ଶାସକ ରୁଦ୍ର ପ୍ରତାପ ସିଂଙ୍କ ଦ୍ୱାରା ଏହି ସହରଟି ଗଢିଉଠିଥିଲା। କେବଳ ସେତିକି ନୁହେଁ, ଏହି ଶାସକ ଏଠାରେ ଓର୍ଛା ଦୁର୍ଗ ମଧ୍ୟ ନିର୍ମାଣ କରାଇଥିଲେ। ତା'ଛଡ଼ା ଓର୍ଛାର ରାଣୀ ବି ଏଠାରେ କେତେକ ମନ୍ଦିର ନିର୍ମାଣ କରାଇଥିବାର ମଧ୍ୟ ପ୍ରମାଣ ରହିଛି। ଏଠାରେ ଦେଖିବାକୁ ମିଳୁଥିବା ଚର୍ତୁଃଭୂଜ ମନ୍ଦିର ହେଉଛି ରାଣୀଙ୍କ ଦ୍ୱାରା ନିର୍ମିତ ଏକ ଅନନ୍ୟ ଆଧ୍ୟାତ୍ମିକ ସ୍ଥଳୀ।



### କ'ଣ ଦେଖିବେ

ଓର୍ଛା ଉପରେ କେବଳ ରାଜପୁତ୍ ଶାସକ ରୁଦ୍ର ପ୍ରତାପ ସିଂଙ୍କର ଅଧିକାର ଥିଲା ତାହା ନୁହେଁ, ପ୍ରର୍ଯ୍ୟାୟକ୍ରମେ ଏହି ସହର ଉପରେ ଅନେକ ରାଜା ମଧ୍ୟ ଶାସନ କରିଥିଲେ ; ଯେଉଁଥିପାଇଁ ଏଠାରେ ଏକାଧିକ ମହଲ, ଦୁର୍ଗ ତଥା ମନ୍ଦିର ଥିବାର ଦେଖିବାକୁ ମିଳିଥାଏ। ଯେମିତିକି ଓର୍ଛା ଦୁର୍ଗ, ଚର୍ତୁଃଭୂଜ ମନ୍ଦିର, ଜାହାଙ୍ଗୀର ମହଲ, ରାଜ ମହଲ, ରାମ ରାଜା ମହଲ, ରାୟ ପ୍ରବୀଣ ମହଲ, ସୁନ୍ଦର ମହଲ, ଲକ୍ଷ୍ମୀନାରାୟଣ ମନ୍ଦିର, ଫୁଲବାଗ୍ ଇତ୍ୟାଦି। କହିବାକୁ ଗଲେ ପର୍ଯ୍ୟଟକ ଓର୍ଛା ବୁଲିଆସିଲେ ଏଠାରେ ବହୁ ସୁନ୍ଦର ସୁନ୍ଦର ପର୍ଯ୍ୟଟନସ୍ଥଳୀ ଦେଖିବା ସହ ଅନେକ ନିଆରା ଅନୁଭୂତି ସାଉଁଟି ପାରିବେ, ଏଥିରେ ସନ୍ଦେହ ନାହିଁ।



### ଅର୍ଥନୀତି

ଓର୍ଛାର ଅର୍ଥନୀତି ମୁଖ୍ୟତଃ ପର୍ଯ୍ୟଟନ ଉପରେ ନିର୍ଭର କରିଥାଏ। ତା'ଛଡ଼ା ଏଠାକାର ଅଧିକାଂଶ ଲୋକ ମଧ୍ୟ ବେଶ୍ ଶିକ୍ଷିତ। ଉଚ୍ଚ ଉଚ୍ଚ ପଦବୀରେ ରହି ନିଜ ସହରର ଉନ୍ନତି ପାଇଁ ଚେଷ୍ଟା କରିବାରେ ସେମାନେ ବେଶ୍ ଆନନ୍ଦ ପାଇଥାନ୍ତି ବୋଲି ସୂଚନା ରହିଛି। କେବଳ ସେତିକି ନୁହେଁ ବିଭିନ୍ନ ପ୍ରକାର ହସ୍ତଶିଳ୍ପ ଗଢିବାରେ ବି ଏଠାକାର ଲୋକେ ବେଶ୍ ସିଦ୍ଧହସ୍ତ। ଏଥିରୁ ବି ସେମାନଙ୍କର ବେଶ୍ ଭଲ ଆୟ ହୋଇଥାଏ।

### ଅନ୍ୟାନ୍ୟ ଆକର୍ଷଣ

ଏହି ସହର ନିକଟ ଦେଇ ବେତୱା ନାମକ ଏକ ନଦୀ ପ୍ରବାହିତ ହୋଇଥାଏ। ପର୍ଯ୍ୟଟକ ଚାହିଁଲେ ଏହି ନଦୀର ଅପୂର୍ବ ଆକର୍ଷଣକୁ ମଧ୍ୟ ନିକଟରୁ ଉପଭୋଗ କରିପାରିବେ। ତା'ଛଡ଼ା ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ଏହି ନଦୀରେ ବେଳେବେଳେ ବୋଟିଂର ସୁବିଧା ମଧ୍ୟ ପ୍ରଦାନ କରାଯାଇଥାଏ। କେବଳ ସେତିକି ନୁହେଁ ନିକଟରେ ଥିବା ଇକୋ ପଏଣ୍ଟରେ ନିଜ ସ୍ୱରକୁ ପୁର୍ନବାର ଶୁଣିବାର ଅପୂର୍ବ ଆନନ୍ଦ ବି ଲଭିପାରିବେ ପର୍ଯ୍ୟଟକ। ତା'ସହିତ ଏଠାକାର କିଛି ଅଞ୍ଚଳରେ ଥିବା ଜଙ୍ଗଲ ପରିବେଶରେ ବହୁ ଔଷଧୀୟ ବୃକ୍ଷ ଥିବାର ମଧ୍ୟ ଦେଖାଯାଏ।

### କେବେ ଓ କେମିତି ଯିବେ

ପର୍ଯ୍ୟଟନ ଦୃଷ୍ଟିକୋଣରୁ ଦେଖିଲେ, ଓର୍ଛାକୁ ବର୍ଷର ଯେ କୌଣସି ସମୟରେ ବୁଲି ଯାଇହେବ। କିନ୍ତୁ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ବର୍ଷାଦିନକୁ ଛାଡି ବାକି ଅନ୍ୟ ଯେ କୌଣସି ସମୟରେ ଏଠାକୁ ବୁଲିଗଲେ ଭରପୂର ମଜା ନେଇହେବ। ସେହିପରି ଓର୍ଛା ଯିବାପାଇଁ ଗମନାଗମନର ମଧ୍ୟ ବେଶ୍ ଭଲ ସୁବିଧା ରହିଛି। ଓର୍ଛା ସହରଠାରୁ ମାତ୍ର ୧୭୦ କି.ମି ଦୂରରେ ରହିଛି ଖଜୁରାହୋ ଏୟାରପୋର୍ଟ ; ଯେଉଁଠାକୁ ଦେଶର କେତେକ ପ୍ରମୁଖ ସହରରୁ ନିୟମିତ ବ୍ୟବଧାନରେ ବିମାନ ଚଳାଚଳ କରିଥାଏ। ସେହିପରି ଗ୍ୱାଲିୟର୍ ଏୟାରପୋର୍ଟ ହେଉଛି ଓର୍ଛାର ଅନ୍ୟତମ ନିକଟବର୍ତ୍ତୀ ବିମାନବନ୍ଦର। ଏହାଛଡ଼ା ଓର୍ଛା ଯିବାପାଇଁ ଟ୍ରେନ୍ ଓ ବସ୍‌ର ମଧ୍ୟ ସୁବିଧା ଉପଲବ୍ଧ ଅଛି। ତେଣୁ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ଆରାମରେ ଓର୍ଛାରେ ପହଞ୍ଚି ବୁଲାବୁଲି କରିପାରିବେ।









# ରୁଟି

ଗରିବ ହୁଅନ୍ତୁ ଅବା ଧନୀ ରୁଟି ସମସ୍ତେ ଖାଆନ୍ତି। ଏମିତିକି ଭାରତ ଛଡା ଭାରତ ବାହାରେ ବି ରୁଟି ଖାଉଥିବା ଲୋକଙ୍କ ସଂଖ୍ୟା କମ୍ ନୁହେଁ। ହେଲେ ଜାଣନ୍ତି କି ଏଇ ରୁଟି କେବେଠାରୁ ଆରମ୍ଭ ହୋଇଛି ? ଜାଣନ୍ତୁ ସେ ସମ୍ପର୍କରେ...

ଭାରତୀୟ ଖାଦ୍ୟ ଭିତରେ ରୁଟି ପ୍ରମୁଖ। ଖାସ୍‌କରି ଉତ୍ତର ଭାରତ ଯେଉଁଠି ଗହମ ଉତ୍ପାଦନ ଅଧିକ, ସେଠାରେ ରୁଟି ଅଧିକ ଖିଆଯାଏ। ରୁଟି ଭାରତ ବ୍ୟତୀତ ଶ୍ରୀଲଙ୍କା, ପାକିସ୍ତାନ, ନେପାଳ, ବାଂଲାଦେଶ, ମାଳଦୀପ, ମ୍ୟାନମାର, ମାଲେସିୟା, ଇଣ୍ଡୋନେସିଆ, ସିଙ୍ଗାପୁର, ଥାଇଲାଣ୍ଡ, ଗୁଆନା, ଜାମାଇକା, ତ୍ରିନିଦାଦ, ମରିସସ୍, ଫିଜି ଆଦି ଦେଶରେ ବି ଲୋକପ୍ରିୟ। ଏହାକୁ କିଏ ଚପାତି କୁହନ୍ତି ତ କିଏ ରୋଟଲି, ପୁଣି କିଏ ସଫାତି, ଶବାତି ପୁଣି ଫୁଲ୍‌କା। ପଶ୍ଚିମ ଆଫ୍ରିକାରେ ଏହା ପରିଚିତ ଚାପୋ ନାମରେ ଓ ମାଳଦ୍ୱୀପରେ କୁହନ୍ତି ରୋଶି। ରୁଟିର ପୁଣି ରହିଛି ଅନେକ ପ୍ରକାର। ଯେମିତିକି ଚପାତି, ବାଜରା ରୁଟି, ଜୱାର ରୁଟି, ଚାଉଳ ରୁଟି, ମକା ରୁଟି, ରୁମାଲି ରୁଟି, ତନ୍ଦୁରୀ ରୁଟି, ର୍‌ୟାପ୍ ରୁଟି, ରୁଟି କନାଇ, ପରଟା ଓ ଭକର। ତେବେ ଐତିହାସିକ ତଥ୍ୟ ଅନୁସାରେ ଏହି ଲୋକପ୍ରିୟ ଖାଦ୍ୟ ରୁଟିର ଆବିଷ୍କାର ଆଉ କେଉଁଠି ନୁହେଁ ଭାରତରେ ହିଁ ହୋଇଛି। ଖ୍ରୀ.ପୂ. ୩୩୦୦-୧୭୦୦ ହରପ୍ପା ସିନ୍ଧୁ ଉପତ୍ୟକା ସଭ୍ୟତା ସମୟରୁ ଏହା ଖାଦ୍ୟ ତାଲିକାରେ ସାମିଲ ହୋଇଥିବା ଜଣାପଡେ। କାରଣ ଏହି ସଭ୍ୟତାର ଲୋକେ ଗହମ, ବାଜରା, ଯଅ ଆଦି ଚାଷ କରୁଥିବା ପ୍ରମାଣ ମିଳିଛି।

**ମୋଗଲ ବାଦ୍‌ଶାହଙ୍କୁ ବି ପସନ୍ଦ ଥିଲା ରୁଟି:** ଅବୁଲ ଫଜଲ ଷୋଡ଼ଶ ଶତାବ୍ଦୀରେ ଆଇନ-ଇ- ଆକବରୀରେ ବର୍ଣ୍ଣନା କରିଛନ୍ତି ଯେ, ମୋଗଲ ସମ୍ରାଟ ଆକବରଙ୍କୁ ରୁଟି ଏତେ ପସନ୍ଦ ଥିଲା ଯେ, ସେ ଏହାକୁ ଘିଅ ଓ ଚିନି ସହ ଖାଉଥିଲେ। କେବଳ ଆକବର ନୁହନ୍ତି ଔରଙ୍ଗଜେବଙ୍କୁ ବି ରୁଟି ବହୁତ ପସନ୍ଦ ଥିଲା। ଆଉ ଏକ ରୋଚକ କଥା ହେଉଛି ୧୮୫୭ ପ୍ରଥମ ସ୍ୱତନ୍ତ୍ରତା ସଂଗ୍ରାମରେ ସାମିଲ ଥିବା ସ୍ୱତନ୍ତ୍ର ସୈନ୍ୟବାହିନୀ ବି ରୁଟି ଖାଉଥିବା ଜଣାପଡିଛି।

**ଅନ୍ୟ ଦେଶରେ ରୁଟି:** ଭାରତୀୟ ନାଗରିକ ଯେବେ ଆମେରିକା, ବ୍ରିଟେନ୍‌ରେ ଯାଇ ରହିବା ଆରମ୍ଭ କଲେ ରୁଟି କରିବା ପଦ୍ଧତି ସେଠାକୁ ଗଲା। ଏବେ ଏହି ରୁଟିକୁ କେଉଁ ଦେଶ ରୋଲ୍ ରୂପେ ଖାଉଛନ୍ତି ତ କେଉଁ ଦେଶ ଟାକୋ ରୂପରେ ଖାଉଛନ୍ତି।







# ମା'ଙ୍କ ପାଇଁ ରୋବୋ ତିଆରି କଲେ ପୁଅ



କୁହାଯାଏ ଆବଶ୍ୟକତା ହେଉଛି ଆବିଷ୍କାରର ଜନନୀ। ମଣିଷ ଯେବେ ବି କିଛି ଆବଶ୍ୟକତା ଅନୁଭବ କରିଛି ସେତେବେଳେ ହୋଇଛି କିଛି ନା କିଛି ଆବିଷ୍କାର। ଯେମିତିକି କେରଳର କନ୍ନୁର ଜିଲାର ଜଣେ ୧୭ ବର୍ଷୀୟ ପୁଅ ମହମ୍ମଦ ଶିୟାଦ ଅନୁଭବ କରିପାରିଥିଲେ ମା'ଙ୍କର ସମସ୍ୟା ଓ ଆବଶ୍ୟକତା। ଦିନ ରାତି ମା' ଘର କାମ କରି ଥକି ପଡୁଥିବା ଦେଖି ମହମ୍ମଦ କ'ଣ କରିବେ ଭାବୁଥିଲେ। ଶେଷରେ ଏହି ସମସ୍ୟାକୁ ସମାଧାନ କରିବା ପାଇଁ ସେ ନା ଚାକରାଣୀ ରଖିଲେ ନା ମା'ଙ୍କ ପାଇଁ ବୋହୂ ଆଣିଲେ। ବରଂ ତିଆରି କଲେ ଏକ ରୋବୋ, ଯିଏକି ତାଙ୍କ ମା'ଙ୍କୁ ଘରର ବିଭିନ୍ନ କାମରେ ସାହାଯ୍ୟ କରିପାରିବ। ସେ ଏହି ରୋବୋକୁ ମହିଳା ପୋଷାକ ପିନ୍ଧାଇ ସତସତିକା ଘରୋଇ ନାରୀ ପରି ଲୁକ୍ ବି ଦେଇଛନ୍ତି। ମହମ୍ମଦ ଏହି ରୋବୋର ନାମ 'ପଥୁଟି' ରଖିଛନ୍ତି। ଏହା ଖାଇବା ପରଷିବା, ପାଣି ପିଆଇବା ସହ ତାଙ୍କ ମା'ଙ୍କ ପାଖରେ ସବୁବେଳେ ଉପସ୍ଥିତ ରହି ଛୋଟବଡ଼ କାମରେ ସାହାଯ୍ୟ କରୁଛି। ଫଳରେ ତାଙ୍କ ମା' ବହୁତ ଖୁସି ଅଛନ୍ତି। ମହମ୍ମଦ କହନ୍ତି, 'ଏହି ରୋବୋକୁ ତିଆରି କରିବା ଲାଗି ପ୍ଲାଷ୍ଟିକ୍, ଆଲୁମିନିୟମ ସର୍ଭିଂ ପ୍ଲେଟ୍ସ ଓ ଫିମେଲ ଡମିର ବ୍ୟବହାର କରିଛି। ତା'ସହ ଏକ ଅଲ୍ଟ୍ରାସୋନିକ ସେନ୍ସର ବ୍ୟବହାର ବି କରିଛି, ଯାହା ମାଧ୍ୟମରେ ରୋବୋ ନିୟନ୍ତ୍ରିତ ଓ ସଞ୍ଚାଳିତ ହୋଇଥାଏ।' ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଏହି ରୋବୋକୁ ତିଆରି କରିବା ପାଇଁ ଖର୍ଚ୍ଚ ହୋଇଛି ମାତ୍ର ୧୦,୦୦୦ ଟଙ୍କା।



# ଦୃଷ୍ଟିକୋଣ



## କଥା ଚାଟ୍

– ଓଁ ଅଭିଜ୍ଞାନ ସାହୁ

ଗଲା ଗ୍ରହଣ ପରର କଥା। କେତୁବାଦୀ– ହେତୁବାଦୀଙ୍କ କି ବିବାଦ ଆରମ୍ଭ ହେଲା ଯେ ଥମିବାର ନାଁ ଧରୁନି । ବିଚରା ଆମ ଭଳି ସାଧାରଣ ଲୋକଙ୍କ ଏ ହାଣ୍ଡି ଛାଡ଼ ହାଣ୍ଡି ଧରମାନଙ୍କ ଝଗଡା ଦେଖି ମୁଣ୍ଡ ଟିଣା। ଟିଭିରେ ଖବର ଦେଖୁଥିଲି । ଜଣେ ସାମ୍ବାଦିକ ବିଭିନ୍ନ ସହର ବୁଲି ଗ୍ରହଣରେ ଖାଇବା ଉଚିତ କି ଅନୁଚିତ ସେ ବିଷୟରେ ସାଧାରଣ ଜନତାଙ୍କ ପ୍ରତିକ୍ରିୟା ପଚାରି ବୁଝୁଥାନ୍ତି। ପୁରୀର ଜଣେ ପଣ୍ଡାଙ୍କୁ ପଚାରିବାରୁ ପଣ୍ଡା ଭାଇନା କହିଲେ, ‘‘ଗ୍ରହଣରେ ବିରିୟାନୀ ଖାଇଛି ଯିଏ ଅଷ୍ଟକିଳା ନବ ସିଏ।’’ ତାକୁ ଶୁଣି ମୋ ହାଲତ ଖରାପ। କାରଣ ଭୋକ ବିକଳରେ ସେଦିନ ମୁଁ ଲୁଚେଇ ଲୁଚେଇ ବେଶ୍ କିଛି ବିସ୍କୁଟ, ମିକ୍ଚର, ଆଲୁ ଚିପ୍ସ ଓ କୁରୁକୁରେ ଖାଇଥିଲି । ଅବଶ୍ୟ ଆଗରୁ ଜଣେ ପଣ୍ଡିତ କହିଥିବାର ମୁଁ ଶୁଣିଥିଲି ଏ ସବୁ ପାଟି ଟକଳା ଖାଦ୍ୟ କାଳେ ପାକ ଛାଡ଼ ସୂଚୀରେ ନାହିଁ । ତଥାପି ମନ ଭିତରେ କେଁ ରହିଗଲା । ସହଜେ ଏବେ ମୋ ଉପରେ ଶନି ସବାର ହେଇ ବସିଛନ୍ତି । ପୁଣି ଭାଇନା କହିଲେଣି ଅଷ୍ଟକିଳା କଥା । ମନ ମାନିଲା ନାହିଁ। ଜଣେ ପରିଚିତ ପଣ୍ଡିତଙ୍କୁ ପଚାରିଲି । ସେ କିଛି ସମୟ ଚିନ୍ତା କରି କହିଲେ– ‘‘ବିସ୍କୁଟ ଚଳିବ। ସେଥିରେ ବଟର ମାନେ ଘିଅ ଅଂଶ ରହୁଛି। ତେଣୁ ସେଇଟା ଅରୁଆ ଲିଷ୍ଟରେ ଯାଉଛି କିନ୍ତୁ ଆଲୁଚିପ୍ସ, କୁରୁକୁରେ, ମିକ୍ଚର ସବୁ ତେଲରେ ତିଆରି। ସେଗୁଡ଼ାକ ଉଷୁନାରେ ଯିବ। ‘ଗ୍ରହଣ’ ଦିନ କିଛି ଗ୍ରହଣ କରିବ ନାହିଁ ଯଦି ଆବଶ୍ୟକ ପଡେ ଅରୁଆ ଖାଇଲେ ଦୋଷ କମ ଲାଗିବ । ହଉ କିଛି କଥା ନାହିଁ । ଖାଇ ତ ସାରିଲେଣି ଏବେ ପ୍ରତିକାର କରିଦିଅ । ଦୋଷ କଟିଯିବ । ମଙ୍ଗଳବାର ପଞ୍ଚମୁଖୀ ହନୁମାନଙ୍କ ପାଖରେ ସର୍ବ ଠାକୁରଙ୍କୁ ସ୍ମରଣକରି ନଡ଼ିଆ ବସେଇ ଦିଅ ।’’ ମୁଁ ଏବେ ଭାବୁଛି ଯଦି ଦୋଷ କଟିବା ପାଇଁ ଏତେ ସହଜ ପ୍ରତିକାର ଅଛି ତେବେ ଦୋଷ କରିବା ପାଇଁ ଜଣେ ଡରିବ କାହିଁକି ? ଆମ ଘର ପାଖରେ ଜଣଙ୍କୁ ଦେଖୁଛି । ଯାବତୀୟ ଅପମିଶ୍ରିତ ଖାଦ୍ୟ ପ୍ରସ୍ତୁତ କରି ରାତିରେ ହାତୀଏ କମଉଛନ୍ତି । ନିତି ସକାଳୁ ବାବୁଆଣୀ ବୁଲା ଗୋରୁଙ୍କୁ ରୁଟି ଖାଇବାକୁ ଦିଅନ୍ତି । ରୁଟି ଗୁଡ଼ ଖାଇବାକୁ ଦେଲା ପରେ ରାସ୍ତାରେ ଲମ୍ବ ହୋଇ ଗୋ ମାତାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରନ୍ତି । ଏଥିରେ କାଳେ ପାପ ଧୋଇ ହୋଇଯାଏ । ସ୍ୱାମୀ ଦିନଯାକ ଖାଇବା ତେଲରେ ପୋଡା ମୋବିଲ ମିଶେଇ ଯାହା ପାପ ଅର୍ଜନ୍ତି ସ୍ତ୍ରୀ ସକାଳୁ ବୁଲା ଗୋରୁଙ୍କୁ ରୁଟି ଦେଇ ସବୁ ପାପରୁ ମୁକ୍ତି ପାଆନ୍ତି । ଅର୍ଥାତ୍ ତାଙ୍କ ପାଖରେ ପାପ ବୋଲି କିଛି କେବେ ଷ୍ଟକ୍‌ରେ ନ ଥାଏ । ମଙ୍ଗଳବାର ନାଲିଗାଈ, ଗୁରୁବାର ଧଳାଗାଈ, ଶନିବାର କାଳୀଗାଈଙ୍କୁ ଅଡେଇ ବାବୁଆଣୀଙ୍କ ପାଖକୁ ଆଣିବା ପାଇଁ ଖାସ୍ ଜଣେ ଲୋକ ନିଯୁକ୍ତି ପାଇଛି । କାରଣ ବାବୁଆଣୀଙ୍କ ପୃଥୁଳ ଶରୀର ସହ ଆଣ୍ଠୁ ଯନ୍ତ୍ରଣା ପାଇଁ ତାଙ୍କୁ ଗୋ ମାତାଙ୍କ ପାଖଯାଏ ଯିବାକୁ କଷ୍ଟ ଲାଗେ। ସେ ଲୋକର ଦିନଯାକର କାମ ହେଲା ବାରି ଅନୁସାରେ ସେହି ରଙ୍ଗର ଗାଈ ଓ ବାକି ଦିନମାନଙ୍କ ପାଇଁ ବୁଲା ଷଣ୍ଢ ଖୋଜି ବାବୁଙ୍କ ଘର ଯାଏ ଅଡ଼େଇ ଆଣିବା । ଥରେ ସୁଯୋଗ ଦେଖି ସେ ଲୋକକୁ ପଚାରିଲି ଏତେ କଷ୍ଟ କରିବା ଅପେକ୍ଷା ସବୁ ରଙ୍ଗର ଗୋଟେ ଲେଖାଏ ଗାଈ ଓ ଷଣ୍ଢକୁ ଘରେ ପାଳିଲେ ସବୁଦିନ ଖୋଜିବାକୁ ପଡ଼ନ୍ତା ନାହିଁ । କିନ୍ତୁ ତା’ କହିବା ଅନୁସାରେ ‘‘ମାନ୍ୟତା ଅଛି କାଳେ ବୁଲାଗୋରୁଙ୍କୁ ଖାଇବାକୁ ଦେଲେ ରିଷ୍ଟ ଶତକଡ଼ା ଶହେ ଭାଗ କଟିବ। ଗୃହପାଳିତ ଗୋରୁଙ୍କୁ ସକାଳୁ ରୁଟି ଖାଇବାକୁ ଦେଲେ କିଛି ପାପ ରହିଯିବ। ବାବୁ ଅପମିଶ୍ରିତ ଖାଦ୍ୟ ବିକି ନିଇତି ଲୋକଙ୍କୁ ମରଣ ମୁହଁକୁ ପଠେଇ ଯେତିକି ପାପ ଅର୍ଜୁଛନ୍ତି ସେଥିରେ କୌଣସି ଚାନ୍ସ ନେଇ ହେବନି ।’’ ମୁଁ କହିଲି ହଁ ତୋ କଥା ସତ ଲାଗୁଛି ଯଦି ଶାସ୍ତ୍ର ଅନୁଯାୟୀ ବିସ୍କୁଟ ଅରୁଆ ଓ ଆଲୁ ଚିପ୍ସ ଉଷୁନା ହେଲା ତେବେ ବୁଲାଗାଈ ଓ ଗୃହପାଳିତ ଗାଈ ଭିତରେ ପ୍ରଭେଦ ନିଶ୍ଚେ ଥିବ । ଥରେ ଜଣେ ଜ୍ୟୋତିଷ କହିଲେ ମୋ ରାଶିକୁ ଦୁର୍ଘଟଣା ଯୋଗ ଅଛି । ପ୍ରତିକାର ହେଲା ଘରୁ ବାହାରିବା ବେଳେ ବାଟମଙ୍ଗଳାଙ୍କୁ ସ୍ମରଣ କରି ବାହାରିବା ପାଇଁ। ସେହିଦିନଠୁ ମୁଁ ଘରୁ ବାହାରିଲା ବେଳେ ବାଟମଙ୍ଗଳାଙ୍କୁ ପ୍ରଣାମ କରି କୁହେ ମା’ ଜରୁରୀ କାମରେ ଗାଡିନେଇ ଘରୁ ବାହାରୁଛି, ରାସ୍ତାରେ ଟିକେ ନିଘା ରଖିଥିବୁ । କେଉଁଠି ବାଟମଙ୍ଗଳାଙ୍କ ମନ୍ଦିର ଦେଖିଲେ ନିଶ୍ଚେ ଦୀପଟିଏ ଜାଳେ । ଆପଣ ବିଶ୍ୱାସ କରନ୍ତୁ କି ନାହିଁ କିନ୍ତୁ ଏହା ସତ୍ୟ ଆଜି ଯାଏ ମୋ ଗାଡି ଧକ୍କାରେ ଅନେକ ଲୋକ ଆହତ ହୋଇ ମେଡିକାଲ ଗଲେଣି ଅଥଚ ମୋର କୌଣସି କ୍ଷତି ହୋଇନି । ଥରେ ସେ ଜ୍ୟୋତିଷଙ୍କୁ ପଚାରିଥିଲି ତାଙ୍କ କହିବା ଅନୁଯାୟୀ ତୁମେ ପରୀକ୍ଷାଫଳ ପାଇଁ ଠାକୁରଙ୍କ ପାଖରେ ମାନସିକ କରି ଯଦି କହିବ ବାହାଘର କାହିଁକି ଡେରି ହେଉଛି ସେଥିରେ ଠାକୁରଙ୍କ କ’ଣ



ଦୋଷ । ସେମିତି ତୁମେ ଘରୁ ବାହାରିଲା ବେଳେ ମା’ଙ୍କୁ ତୁମ ସୁରକ୍ଷା ପାଇଁ ଡାକିବ ଆଉ ତୁମ ଗାଡି ଚାଳନାରେ ଅନ୍ୟମାନେ କ୍ଷତିଗ୍ରସ୍ତ ହେଲେ ସେଥିରେ ମା’ଙ୍କ କ’ଣ ଭୁଲ୍ । ତୁମେ ସୁରକ୍ଷିତ ଅଛ କି ନାହିଁ ଆଗ କୁହ । ସେହିଦିନଠୁ ମୁଁ ମା’ଙ୍କୁ ମୋ ସୁରକ୍ଷା ସହ ମୋ ଗାଡ଼ି ଆଗକୁ ଆସୁଥିବା ସମସ୍ତ ପଶୁ ପକ୍ଷୀ ମଣିଷଙ୍କ ସୁରକ୍ଷା ପାଇଁ ବି ଡାକିଦିଏ । ମାସେ ହେଲାଣି ସବୁ ଠିକ୍‌ଠାକ୍ ଚାଲିଛି ନା ମୋର ନା ମୋ ଗାଡି ଚାଳନାଜନିତ ଆଉ କାହାର କିଛି କ୍ଷତି ହେଇଚି । ମୁଁ ବି ବେଳେବେଳେ ଭାବେ ଆମ ଦେଶରେ ଦିନକୁ ଦିନ ଅନ୍ୟାୟ, ଦୁର୍ନୀତି ବ୍ୟଭିଚାର ଇତ୍ୟାଦି ବଢ଼ିବାର ଏକମାତ୍ର କାରଣ ହେଲା ପାପ ମୋଚନର ସହଜ ଓ ସରଳ ଉପାୟ । ‘ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ’। ଯଦି ରଥାରୂଢ଼ ପ୍ରଭୁଙ୍କୁ ବାମନ ରୂପରେ ଦର୍ଶନ ମାତ୍ରେ ହିଁ କୋଟି ଜନ୍ମ ପାପରୁ ମୁକ୍ତି ପାଇବ, ସ୍ୱର୍ଗଦ୍ୱାରରେ ପୋଡା ହେଲେ ସ୍ୱର୍ଗ ପ୍ରାପ୍ତ ହେବ, ବାର ମାସରେ ତେର ପର୍ବ, ଓଷା ବ୍ରତ ପାଳିଲେ ଯାବତୀୟ ପାପ ମୋଚନ ସହ ଧନ ଯଶ ପ୍ରାପ୍ତି ହେବ ତେବେ ଜଣେ ଅଯଥାରେ ପରିଶ୍ରମ କରି ସାଧୁତାର ସହ ଜୀବନ କାହିଁକି ବିତେଇବ ? ଭୋଗ ବିଳାସର ସୁଖପ୍ରଦ ଜୀବନକୁ ଛାଡି ନୈତିକ କଷ୍ଟଦାୟକ ଜୀବନ କାହିଁକି ବାଛିବ ? ଭିନ୍ନ ଭିନ୍ନ ପାପ ମୋଚନ ପାଇଁ ସ୍ୱତନ୍ତ୍ର ଦେବଦେବୀ ଅଛନ୍ତି । ଯାହାଙ୍କୁ ଦର୍ଶନ କରି କିଛି ଭୋଗ ଅର୍ପଣ କଲେ ମନୁଷ୍ୟର ସକଳ ପାପରାଶି ଦୂରୀଭୂତ ହୋଇ ମହାପୁଣ୍ୟ ଅର୍ଜନ କରିବ । ଯଦି ବା କ୍ୱଚିତ ପାପ ରହିଯାଏ ତେବେ ରିଷ୍ଟ ଖଣ୍ଡନ ପାଇଁ ଯାବତୀୟ ଓଷା ବ୍ରତର ସୂକ୍ଷ୍ମ ବିଧି ବିଧାନ ଆମ ପୂର୍ବ ପୁରୁଷମାନେ ବତେଇ ଦେଇଛନ୍ତି । ମୋର ଦୁଃଖ ଯେ ଅସତ୍‌ରୁ ସତ୍‌କୁ ପରିବର୍ତ୍ତନ ହେବାର ଏତେ ସବୁ ସରଳ ଉପାୟ ଥାଉ ଥାଉ ପିଲାଟି ଦିନରୁ ଶିକ୍ଷକଙ୍କଠାରୁ ଆରମ୍ଭ କରି ଘରେ ବାପାଙ୍କ ପର୍ଯ୍ୟନ୍ତ ସମସ୍ତେ ସତ୍ ଶିକ୍ଷା ସହ ସତ୍ ଜୀବନ ଯାପନ କରିବା ପାଇଁ ମୋତେ ଅସତ୍ ଶିକ୍ଷା ଦେଇ ମୋର ଅନେକ ମୂଲ୍ୟବାନ ସମୟ ନଷ୍ଟ କରିଛନ୍ତି । ଏବେ କିନ୍ତୁ ମୋର ଆଖି ଖୋଲିଯାଇଛି । ଆଗକୁ ଅସତ୍ ଉପାୟରେ ଯାଇ ସତ୍ ଉପାୟରେ ପାପ ମୋଚନର ଶର୍ଟକଟ ଉପାୟ ଅବଲମ୍ବନ କରିବି । ସମଗ୍ର ବିଶ୍ୱକୁ ସର୍ବେ ଭବନ୍ତୁ ସୁଖୀନଃର ବାର୍ତ୍ତା ଦେଉଥିବା ଆମ ଦେବଭୂମିରେ ତୁଚ୍ଛାଟାରେ ହେତୁବାଦୀ କେତୁବାଦୀମାନେ ବିଜ୍ଞାନ ଓ ପରମ୍ପରା ନାଁରେ ଝଗଡ଼ା କରୁଛନ୍ତି । ଗ୍ରହଣ ଦିନ ପେଟପୂରା ଖାଇଲେ ହେତୁବାଦୀ ଖୁସ୍ । ଖାଇ ସାରି ଶାସ୍ତ୍ରନୁଯାୟୀ ପଞ୍ଚମୁଖୀ ହନୁମାନଙ୍କ ପାଖରେ ମାନସିକ ନଡ଼ିଆ ରଖି ଭୋଗ କରିଦେଲେ ରାହୁ କେତୁଜନିତ ଅଷ୍ଟକିଳା ଖଣ୍ଡନ ହେବା ସହ ପରମ୍ପରାବାଦୀମାନେ ବି ଖୁସ୍ ।

ଆମ ଦେବଭୂମିର ବିଶେଷ ଉପଲବ୍ଧି ହେଲା ଆମର ଏଠି ପାପ କରିବା ଯେତିକି ସହଜ ପାପ ମୋଚନ ମଧ୍ୟ ସେତିକି ସରଳ । ଆମ ପୂର୍ବପୁରୁଷମାନେ ଦେଖେଇ ଯାଇଥିବା ସୂକ୍ଷ୍ମ ଉପାୟମାନ ଜାଣି ସୁଦ୍ଧା ଅତି ସାଧାରଣ କଥା ପାଇଁ କିଛି ହାଣ୍ଡି ଧର ଓ ହାଣ୍ଡି ଛାଡ଼ ଗୋଷ୍ଠୀ ଟିଆର୍‌ପି ପାଇଁ ବିଚ୍ ରାସ୍ତାରେ ଝଗଡ଼ା କରି ଆମ ଦେବଭୂମିକୁ ବିଶ୍ୱଗୁରୁ ହେବାରେ ବାଧକ ସାଜୁଛନ୍ତି । ଆମ ଭଳି ସାଧାରଣ ଖଟିଖିଆ ଲୋକଙ୍କୁ ମହଙ୍ଗା ତେଲ ଲୁଣର ହିସାବ କରିବାକୁ ଦିନ ଅଣ୍ଟୁ ନ ଥିବା ବେଳେ ଏ ବିଜ୍ଞାନ ଓ ପରମ୍ପରାର ଝଗଡ଼ା ବୁଝିବାକୁ ସମୟ କାହିଁ ? ଆମ ଭାଗ୍ୟକୁ ତ ସବୁଦିନ ଗ୍ରହଣ ଲାଗୁଛି। ଆମେ ଏତିକି ବୁଝୁ ଯେଉଁଦିନ ଆମେ ଖାଇଲୁ ସେଦିନ ଆମେ ହେତୁବାଦୀ, ଯେଉଁଦିନ କାମ ନ ପାଇ ଉପାସ ରହିଲୁ ସେଦିନ ଆମେ କେତୁବାଦୀ । ଏସବୁ ବାଦେ କିଛି କର୍ମଜୀବୀଙ୍କ ଗୁରୁତର ଅଭିଯୋଗ କ୍ୟାଲେଣ୍ଡର ତିଆରି କଲାବାଲାଙ୍କ ଉପରେ । ସେମାନଙ୍କ ଅଭିଯୋଗ ମଧ୍ୟ ଯୁକ୍ତିଯୁକ୍ତ । ଯଦି ଗ୍ରହଣ ଲାଗିବାର ଥିଲା ତେବେ ଛୁଟିଦିନରେ ଗ୍ରହଣ ଲଗେଇବା କ’ଣ ଜରୁରୀ ଥିଲା ? ଅଯଥାରେ ଗ୍ରହଣଜନିତ ସରକାରୀ ଛୁଟିଗୁଡା ମାରା ହେଉଛି। ଆଶା କ୍ୟାଲେଣ୍ଡର ଗଣନାକାରୀମାନେ ଆଗକୁ ଭଲ ଆମିଷ ବାରି ଦେଖି ଗ୍ରହଣ ତାରିଖ ନିର୍ଦ୍ଧାରଣ କରିବେ । ଯାହାର ଇଚ୍ଛା ସେ ଉପାସ କରିବ ଆଉ ଯାହାର ଇଚ୍ଛା ସେ ଚିକେନ୍ ବିରିୟାନୀ ଖାଇବ ।

*–ବନମାଳୀ ଭବନ, ଖାନ୍ ନଗର, କଟକ, ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ଅପହଞ୍ଚ ପାହାଚ

ଅଞ୍ଜଳି ସାହୁ
ପ୍ରକାଶକ –ବିଦ୍ୟାପୁରୀ, ବାଲୁବଜାର, କଟକ
ମୂଲ୍ୟ–୧୨୦ଟଙ୍କା


**ଅ**ପହଞ୍ଚ ପାହାଚ ଅଞ୍ଜଳି ସାହୁଙ୍କ ଗଳ୍ପ ସଂକଳନ। ଏଥିରେ ଭିନ୍ନ ସ୍ୱାଦର ୧୨ଟି ଗପ ପ୍ରକାଶିତ ହୋଇଛି । ଆଜି ଯାହା ଅପହଞ୍ଚ, କିଏ କହିବ କାଲି ସେଠି ପାଦଚିହ୍ନ ପଡିବନି ବୋଲି । ତେଣୁ ଏଠି କେହି ହାରି ଯାଇନି, ଡରି ଯାଇନି, ମରିବାକୁ ସର୍ବୋତ୍କୃଷ୍ଟ ପନ୍ଥା ଭାବେ ଗ୍ରହଣ କରି ନେଇନି। ଲଢିଛି ଅଣ୍ଟାଭିଡି ଆଗକୁ ବଢିବାର ପଣ କରିଛି। ସେଇ ତ ଜୀବନ ଯାତ୍ରା । କେବଳ ପାହାଚ ଚଢିବା ଭିତରେ ଜୀବନଟାକୁ ସୀମିତ କରି ଦେଇନି। ଛୋଟ ଛୋଟ ଖୁସିକୁ ସାଉଁଟୁ ସାଉଁଟୁ ଦୁଃଖ ସବୁ ତଳକୁ ଗଡି ଚାଲିଛନ୍ତି ଆପଣା ଛାଏଁ। ଅତୀତ ଓ ଭବିଷ୍ୟତର ଗୋଲକ ଧନ୍ଦାରୁ ବାହାରିବାର ପ୍ରୟାସ ଭିତରେ ବର୍ତ୍ତମାନ ହିଁ ହୋଇଉଠିଛି ଅଧିକ ଗ୍ରହଣୀୟ ଓ ଜୀବନମୟ। ଲେଖିକାଙ୍କ ଅଙ୍ଗୀକାରବଦ୍ଧତା ବାସ୍ତବିକ୍ ପ୍ରଶଂସନୀୟ।




### ସଜଲ୍ ଶତକ

ଭାଗୀରଥି ବେହେରା, ପ୍ରକାଶକ–ଏଥେନା ବୁକ୍ସ, ଭୁବନେଶ୍ୱର, ମୂଲ୍ୟ–୧୬୦ଟଙ୍କା

**ସ**ଜଲ୍ ଶତକରେ ୧୦୦ଟି ଭିନ୍ନ ସ୍ୱାଦର କବିତା ରହିଛି । ଯାହାର ଲେଖକ ଭାଗୀରଥି ବେହେରା। କବି ନିଜେ ହିଁ ଏଠାରେ ନାୟକ। ଜଣେ ସହୃଦୟ ଦରଦୀ ପ୍ରେମିକ ଭାବେ ସୌନ୍ଦର୍ଯ୍ୟର ନିରାଜନା ନିମନ୍ତେ ତାଙ୍କ କବିପ୍ରାଣ ସତତ ବ୍ୟାକୁଳ। ଯାହାର ପ୍ରତିଫଳନ ଦେଖିବାକୁ ମିଳିଛି ଅଧିକାଂଶ କବିତାରେ। ସେହିପରି ଅନ୍ୟ କେତୋଟି କବିତାରେ ସାମ୍ପ୍ରତିକ ଘଟଣା ଓ ପ୍ରସଙ୍ଗକୁ କବିତାରେ ରୂପାନ୍ୱିତ କରାଯାଇଛି। ପୁସ୍ତକଟି ପାଠକଦୃତୀ ଲାଭ କରିବ ବୋଲି ଆଶା କରାଯାଏ।




### ପୁଣ୍ୟତୋୟା ପ୍ରାଚୀ

ଜନ୍ମରୁ ବାର୍ଦ୍ଧକ୍ୟ
ରାସବିହାରୀ ସ୍ୱାଇଁ
ରାୟପୁର, ଫୁଲନଖରା, କଟକ, ମୂଲ୍ୟ–୫୧ଟଙ୍କା

**ଏ**ହି ବହିରେ ପୁଣ୍ୟତୋୟା ପ୍ରାଚୀ ନଦୀ ବିଷୟରେ ଲେଖକ ବିଭିନ୍ନ ଐତିହାସିକ ତଥ୍ୟ ପ୍ରମାଣ ସହ ଦେଇଛନ୍ତି। ପ୍ରାଚୀ ନଦୀର କୀର୍ତ୍ତି ଓ ତା’ର ପବିତ୍ରତା ମରିନାହିଁ ବୋଲି ଲେଖକ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, ପ୍ରାଚୀ ନଦୀ ତା’ ବକ୍ଷରେ ଧରିଛି ଅଗଣିତ ଦେବା ଦେବୀ, ପାପୀତାପୀର ଆଶ୍ରୟସ୍ଥଳୀ ଘାଟ, ବୁଡ, ତପୋବନ, ଉପାସନାସ୍ଥଳୀ, ଉର୍ବର ମୃତ୍ତିକା ଓ ମନୋରମ ବନାନୀ। ପ୍ରାଚୀ ତଟବର୍ତ୍ତୀ ଅଞ୍ଚଳରେ ରହୁଥିବା ଲୋକମାନଙ୍କର ବୀବନ ଓ ଜୀବୀକା ଥିଲା ନଦୀ। କିନ୍ତୁ ବର୍ତ୍ତମାନ ତାହା ପୋତିହୋଇ ସତ୍ତା ହରାଇବାକୁ ବସିଛି। ପୁସ୍ତକଟି ସଂକ୍ଷିପ୍ତ ହେଲେ ମଧ୍ୟ ଅନେକ ତଥ୍ୟରେ ପରିପୂର୍ଣ୍ଣ।





# ମଣିଷକୁ ସଫା କରିବ ୱାଶିଂ ମେଶିନ

ମଇଳା କପଡ଼ା ସଫା କରିବା ପାଇଁ ୱାଶିଂ ମେଶିନ୍‌ର ବ୍ୟବହାର କରାଯାଏ । ହେଲେ ଏବେ ମଣିଷକୁ ସଫା କରିବା ପାଇଁ ବି ଏକ ମେଶିନ ଖୁବ୍‌ଶୀଘ୍ର ଆସୁଛି । ଆଉ ଏହି ମେଶିନ ଅଳସୁଆ ହୋଇ ଗାଧୋଉ ନ ଥିବା ତଥା ଶୀତଦିନେ ଗାଧୋଇବାକୁ ପଛାଉଥିବା ଲୋକଙ୍କ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ । ଜାପାନର ଟେକ୍ନୋଲୋଜି ସାଇନ୍ସ କର୍ପୋରେଶନ୍ ଲିମିଟେଡ୍ ଦ୍ୱାରା ତିଆରି କରାଯାଉଥିବା ଏହି ହ୍ୟୁମାନ ୱାଶିଂ ମେଶିନ କପଡା ସଫା କଲା ଭଳି ମଣିଷଙ୍କୁ ବି ବେଶ୍ ଆରାମରେ ସଫା କରିଦେବ । ଆଉ ମଣିଷଙ୍କୁ କୌଣସି ପରିଶ୍ରମ କରିବାକୁ ପଡିବନି । କୁହାଯାଉଛି ଏହି ମେଶିନ ଖୁବ୍‌ଶୀଘ୍ର ତିଆରି ହୋଇଯିବ ଓ ୨୦୨୫ ସୁଦ୍ଧା ବଜାରରେ ଉପଲବ୍ଧ ମଧ୍ୟ ହେବ । ଏହାର ନାମ ପ୍ରୋଜେକ୍ଟ ଉସୋୟାରୋ ରଖାଯାଇଛି । ଏହି ମେଶିନ ଫାଇନ୍ ବବଲ୍ ଟେକ୍ନୋଲୋଜି, ମନିଟରିଂ ସେନ୍ସର୍ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ସିଷ୍ଟମ୍ ଦ୍ୱାରା ଲୋକଙ୍କୁ ଭିନ୍ନ ଭିନ୍ନ ପ୍ରକାରର ଗାଧୋଇବାର ଅନୁଭବ ପ୍ରଦାନ କରିବ । ଏଥିରେ ସୁନ୍ଦର ଗୀତ ବାଜିବା ସହ ଏକ ଶାନ୍ତ ପରିବେଶ ପ୍ରଦାନ କରିବ । ଆଉ ମେଶିନଟି ଶରୀରକୁ ସଫା କରିବା ସହ ଆରାମ ପ୍ରଦାନ କରିବ ଓ ହିଲିଂ ଏକ୍ସପେରିଏନ୍ସ ବି ଦେବ ।

# ଭାରତର ଓଣ୍ଡର ୱିମେନ୍: ପୋଲିସ ସହ ସୁପର୍ ମଡେଲ୍

ଆମେରିକାର ପ୍ରସିଦ୍ଧ କମିକ୍ସ କମ୍ପାନୀ ଡିସି କମିକ୍ସର ଏକ ବେଶ୍ ଲୋକପ୍ରିୟ ସୁପର ହିରୋ କ୍ୟାରେକ୍ଟର ଅଛି, ଯାହା ଓଣ୍ଡର ୱିମେନ୍ ନାମରେ ପରିଚିତ । ସେହି ଓଣ୍ଡର ୱିମେନ୍‌ଙ୍କର ଥିଲା କିଛି ସୁପର୍ ପାୱାର । ଉକ୍ତ କାଳ୍ପନିକ ଚରିତ୍ର ପରି ବାସ୍ତବ ଜୀବନରେ ବି ଅନେକ ମହିଳା ଅଛନ୍ତି ଯେଉଁମାନଙ୍କ କାମ ଓ ପ୍ରତିଭା ଦେଖି ଯେ କେହି ସେମାନଙ୍କୁ ଓଣ୍ଡର ୱିମେନ୍ କହିବେ । ସେମିତି ଜଣେ ମହିଳା ଭାରତରେ ବି ଅଛନ୍ତି । ସିକ୍କିମ୍‌ର ଏହି ଓଣ୍ଡର ୱିମେନ୍ ପେସାରେ ଜଣେ ପୋଲିସ ଅଫିସର । ତା'ସହ ସେ ଆହୁରି ଅନେକ କାମ ପାଇଁ ବେଶ୍ ପରିଚିତ । ଇକ୍ଷା ହାଙ୍ଗ ସୁବା ତଥ ଇକ୍ଷା କେରୁଙ୍ଗ ନାମ୍ନୀ ଏହି ମହିଳା ଜଣକ ୧୯ବର୍ଷ ବୟସରେ ୨୦୧୯ରେ ସିକ୍କିମ ପୋଲିସ ବିଭାଗରେ ଯୋଗ ଦେଇଥିଲେ । ପାଲିସ କର୍ମୀ ଭାବେ ସେ ନିଜ କର୍ତ୍ତବ୍ୟକୁ ବେଶ୍ ସୁଚାରୁରୂପେ ପ୍ରତିପାଦନ କରନ୍ତି । ତେବେ ସେ କେବଳ ଗୋଟିଏ ପେସା ସହ ବାନ୍ଧି ହୋଇ ରହିନାହାନ୍ତି । ସେ ଜଣେ ସୁପର୍ ମଡେଲ୍ ବି । ମଡେଲିଂ କରିବା ତାଙ୍କର ସ୍ୱପ୍ନ ଥିବାରୁ ଏମ୍‌ଟିଭି ସୁପର୍ ମଡେଲ୍ ଅଫ୍ ଦ ଇୟର୍ ସିଜନ୍-୨ ରେ ସେ ଅଂଶଗ୍ରହଣ କରିଥିଲେ । ଯେଉଁଥିରେ ଜଜ୍‌ମାନେ ତାଙ୍କୁ ବହୁତ ପ୍ରଶଂସା କରିଥିଲେ । କେବଳ ସେତିକି ନୁହେଁ ମଡେଲିଂ ବ୍ୟତୀତ ବାଇକ୍ ଚାଳନା ଓ ବକ୍ସିଂ କରିବାରେ ସେ ବେଶ୍ ଧୁରନ୍ଧର । ତେଣୁ ବକ୍ସିଂକୁ ନେଇ ମଧ୍ୟ ସେ କ୍ୟାରିୟର୍ କରିବାକୁ ଚାହାନ୍ତି । ଏଭଳି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଇକ୍ଷା ସମସ୍ତଙ୍କୁ ଜଣାଇବାକୁ ଚାହାନ୍ତି ଯେ, ମହିଳାମାନେ ଚାହିଁଲେ ସବୁକିଛି କରିପାରିବେ ।







ବ୍ୟାକ୍ ପେଜ୍



# ଅସୁନ୍ଦର ଚେହେରା ପ୍ରତିଯୋଗିତା

ସମସ୍ତେ ଚାହାନ୍ତି ସୁନ୍ଦର ଦେଖାଯିବା ପାଇଁ । ସେଥିପାଇଁ କିଏ ଘରୋଇ ଉପଚାର କରନ୍ତି ତ ଆଉ କିଏ ପ୍ଲାଷ୍ଟିକ ସର୍ଜରିର ବି ସାହାଯ୍ୟ ନିଅନ୍ତି । କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ଏମିତି ଏକ ପ୍ରତିଯୋଗିତା ଅଛି ଯେଉଁଠି ଯିଏ ଯେତେ ଅସୁନ୍ଦର ମୁହଁ କରିପାରେ ସେ ହିଁ ବିଜୟଲାଭ କରେ । ଉକ୍ତ ପ୍ରତିଯୋଗିତାର ନାମ ହେଉଛି ୱାର୍ଲ୍ଡ ଗର୍ନିଂ ଚାମ୍ପିୟନଶିପ୍ । ଏହା ପ୍ରତିବର୍ଷ ଇଂଲଣ୍ଡର ଏଗ୍ରେମଣ୍ଟ କ୍ରେବ୍ ଫେୟାରରେ ଆୟୋଜନ ହୋଇଥାଏ । ୧୨୬୭ରୁ ଏହି ମେଳା ଆୟୋଜିତ ହୋଇ ଆସୁଛି । ତେବେ ଏହି ପ୍ରତିଯୋଗିତା ସେବେଠାରୁ ଆରମ୍ଭ ହୋଇଛି ନା ନାହିଁ ତାହା ସଠିକ୍‌ଭାବେ ଜଣା ନ ଥିଲେ ହେଁ ପ୍ରତିବର୍ଷ ଏହି ପ୍ରତିଯୋଗିତାରେ ଫ୍ରାନ୍ସ, ଅଷ୍ଟ୍ରେଲିଆ ପରି ଦେଶରୁ ପ୍ରତିଯୋଗୀ ସାମିଲ ହୋଇଥାନ୍ତି । ଏଠି ସବୁ ପ୍ରତିଯୋଗୀ ଖୁବ୍ ବିଚିତ୍ର ଓ ଅସୁନ୍ଦର ମୁହଁ କରିଥାନ୍ତି । ଯେଉଁମାନେ ମୁହଁକୁ ଅସୁନ୍ଦର କରି ଚେହେରା ବିଗାଡିପାରନ୍ତି ତାଙ୍କୁ ବିଜେତା ଘୋଷଣା କରାଯାଏ । ଏଥିରେ ପ୍ରତିଯୋଗୀ କୌଣସି କୃତ୍ରିମ ଜିନିଷର ବ୍ୟବହାର କରିପାରନ୍ତି ନାହିଁ । ଜଜ୍ ପ୍ରଥମେ ପ୍ରତିଯୋଗୀଙ୍କର ଚେହେରା ଦେଖି ଯାଞ୍ଚ କରନ୍ତି । ଯେମିତିକି ଚେହେରା ସାଧାରଣ ରହିବା ଦରକାର । ଆଉ ଯିଏ ମୁହଁ ଅଧିକରୁ ଅଧିକ ଖରାପ କରିପାରନ୍ତି ତାଙ୍କୁ ବିଜେତା ଘୋଷଣା କରାଯାଏ ।